# ମଦ ବନ୍ଦ ପାଇଁ ସଭା କରିବାରୁ ଟାଙ୍ଗିଆ ଧରି ଗୋଡ଼ାଇଲେ

**ଯାଜପୁର/ କୟାଁଗୋଲା, ୨୧।୫(ସମିସ):** ମଦ ଦୋକାନ ବନ୍ଦ ନେଇ ସଭା କରିବାରୁ ଟାଙ୍ଗିଆ ଧରି ଆକ୍ରମଣ କରିବାକୁ ଗୋଡ଼ାଇଛନ୍ତି ବ୍ୟବସାୟୀଙ୍କ ସମର୍ଥକ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତରେ। ମଲ୍ଲିକାପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ ମଦ ଦୋକାନ ବନ୍ଦ ଦାବିରେ ଆୟୋଜିତ ହୋଇଥିଲା ଏକ ପ୍ରତିବାଦ ସଭା। ଦଶରଥପୁର ନିଶା ନିବାରଣ ସଂଘ ଏହାକୁ ସମର୍ଥନ କରିଥିଲା। ତେବେ ସେଠାରେ ସଭା ଚାଲିଥିବା ବେଳେ ହଠାତ୍ ଦେଖାଦେଇଥିଲା ଉତ୍ତେଜନା। ସ୍ଥାନୀୟ ସରକାରୀ ମଦ ବ୍ୟବସାୟୀଙ୍କ ପକ୍ଷରୁ କିଛି ଅସାମାଜିକ ଯୁବକ ସଭାସ୍ଥଳରେ ପହଞ୍ଚି ପ୍ରତିବାଦକାରୀଙ୍କୁ ଧମକ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକ କାଳନ୍ଦୀ ଦାସ ହାତରେ ଏକ ଟାଙ୍ଗିଆ ଧରି ସଭାସ୍ଥଳରେ ବୁଲିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଘଟଣା ସମ୍ପର୍କରେ ମଞ୍ଚରୁ ମଙ୍ଗଳପୁର ଥାନା ଆଇଆଇସିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ମଦ ଦୋକାନ ହେତୁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା, ଛାତ୍ରଛାତ୍ରୀ ଅସୁବିଧାରେ ପଡୁଥିବା ଓ ଘରୋଇ କଳହ ବୃଦ୍ଧି ପାଉଥିବା ଅଭିଯୋଗ କରି ପଞ୍ଚାୟତବାସୀ ମଦ ଦୋକାନ ବନ୍ଦ କରିବାକୁ ଦାବି କରିଛନ୍ତି। ତେବେ ସଭାସ୍ଥଳରେ ସର୍ବସାଧାରଣରେ ଟାଙ୍ଗିଆ ବୁଲିବା ଓ ପୁଲିସ ସେଠାରେ ନ ପହଞ୍ଚିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ଘଟଣାର ତଦନ୍ତ ଚାଲିଛି ଖୁବ ଶିଘ୍ର ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝି ଗଣମାଧ୍ୟମକୁ କହିଛନ୍ତି।

# ଗୋରୁ ବୋଝେଇ ଗାଡ଼ି ଧରି ପୁଲିସ୍ ଜିମା ଦେଲ ଗାଁ ଲୋକେ

**ବ୍ରହ୍ମବରଦା, ୨୧।୫(ସମିସ):** ବୁଧବାର ବିଳମ୍ବିତ ରାତିରେ ବ୍ରହ୍ମବରଦା ପୁଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିବା ସହ ଗାଡ଼ି ଚାଳକକୁ ଗିରଫ କରିଛି। ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତା ଝାଲପଡ଼ା ଗ୍ରାମ ନିକଟରେ ବାରୁଆଁ ପଟୁ ବ୍ରହ୍ମବରଦା ଆଡକୁ



ଆସୁଥିବା ଗାଡ଼ି ନମ୍ବର ଓଡି୩୪ଯେ୦୪୪୪ ଯୋଗେ ୫ ଗୋଟି ଗୋରୁ ଚାଲାଣ ହେଉଥିବା ବେଳେ ଝାଲପଡ଼ା ନିକଟରେ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ସାଇଡ ମାରିଥିଲା, ଯାହା ଶ୍ରୀ ମୁଦୁଲି ଗାଡ଼ି ଅଟାକାଇବାରୁ ସେଥିରେ ଗୋରୁ ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ବ୍ରହ୍ମବରଦା ପୁଲିସକୁ ଡକାଇ ଅଟକାଇ ଥିବା ଗାଡ଼ିକୁ ପୁଲିସ ଜିମା ଦେବା ସହ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୧୦୨/୨୬ରେ ମାମଲା ରୁଜୁ କରି ଚାଳକ କୃଷ୍ଣଚନ୍ଦ୍ର ରାଉତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଉଦ୍ଧାର ହୋଇ ଥିବା ଗୋରୁ ଛତିଆସ୍ଥିତ ଗୋଶାଳାକୁ ପଠାଯାଇଥିବା ବ୍ରହ୍ମବରଦା ଥାନା ପକ୍ଷରୁ କୁହାଯାଇଛି।

# ୨ ୱାରେଣ୍ଟିଙ୍କୁ କୋର୍ଟ ଚାଲାଣ

**କୟାଁଗୋଲା, ୨୧।୫(ସମିସ):** ମଙ୍ଗଳପୁର ଥାନା ପୁଲିସ ଦୁଇଜଣ ପୁରୁଣା ୱାରେଣ୍ଟଧାରୀଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ବର୍ଷ ବର୍ଷ ଧରି ଫେରାର ଥିବା ଏହି ଅଭିଯୁକ୍ତମାନେ ଶେଷରେ ପୁଲିସ ହାତରେ ଧରାପଡ଼ିଛନ୍ତି। ମଙ୍ଗଳପୁର ଥାନା ଅନ୍ତର୍ଗତ ବିନ୍ଧାଦୀପୁର ଗ୍ରାମର ଲକ୍ଷ୍ମୀଧର ପତିଙ୍କୁ ୧ ସିସି କେଶ ନଂ ୨୭୨/୨୦ ଅନୁଯାୟୀ ପୁଲିସ ଗିରଫ କରିଛି। ଏହି ମାମଲା ପ୍ରାୟ ପୁରୁଣା ମାମଲା ବୋଲି ଜଣାପଡ଼ିଛି। ସେହିପରି କରିଆଙ୍ଗ ଗ୍ରାମର ଉତ୍କଳ ମଲ୍ଲିକଙ୍କୁ ସିଟି କେଶ ନଂ ୭୧୭/୨୦୧୯ ଆଧାରେ ମଙ୍ଗଳପୁର ପୁଲିସ ଗିରଫ କରିଛି। ଏହି ମାମଲା ମଧ୍ୟ ୬ ବର୍ଷ ଧରି ବିଚାରାଧୀନ ଥିଲା। ଗିରଫ ପରେ ଉଭୟଙ୍କୁ ଆଜି ଅଦାଲତ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି।

## ଗୋଲ୍ କୋଇଲା କାରଖାନାରେ ଶିଶୁ ଶ୍ରମିକ ନିୟୋଜିତ ଘଟଣା

# ମାମଲା ଦାୟର କଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ

**ଯାଜପୁର, ୨୧।୫(ସମିସ)**

ଗତ ୧୮ ତାରିଖ ଦିନ କୁଆଖିଆ ଥାନା ମୁଗୁପାଳ ଅଞ୍ଚଳରେ ରହିଥିବା ଗୋଲ କୋଇଲା କାରଖାନା ପ୍ରୀତମ ଟ୍ରେଡର୍ସରେ ଶିଶୁ ଶ୍ରମିକ ଓ ବନ୍ଧକ ଶିଶୁ ରହିଥିବା ଅଭିଯୋଗରେ ଜିଲ୍ଲା ପ୍ରଶାସନ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ନାନା ଅନିୟମିତତା ସାମ୍ନାକୁ ଆସିଥିଲା। ଜିଲ୍ଲା ବାହାରର ଶ୍ରମିକ ଏଠାରେ ନିୟୋଜିତ ଥିବାବେଳେ ସେମାନଙ୍କର କୌଣସି କାଗଜପତ୍ର ନଥିଲା। ଏପରିକି ଗୋଲ କୋଇଲା କାରଖାନାରେ ବିପଦସଙ୍କୁଳ ଅବସ୍ଥାରେ ଅନେକ ଶିଶୁ ଶ୍ରମିକ ନିୟୋଜିତ ଥିବା ଦେଖିବାକୁ ମିଳିଥିଲା। ଚଢ଼ଉ ସମୟରେ ପ୍ରଶାସନ ପକ୍ଷରୁ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ପୁଲିସ, ଶିଶୁ ସୁରକ୍ଷା ବିଭାଗଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସେଠାରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରୁ ଆସିଥିବା ଶ୍ରମିକଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଉଥିବା ଘଟଣା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏପରିକି



ଶ୍ରମିକଙ୍କୁ ବାହାରକୁ ଛଡ଼ାଯାଉନଥିବା ଚଢ଼ଉ ଟିମ୍ ଆଗରେ ଅଭିଯୋଗ କରିଥିଲେ ଶ୍ରମିକ। କାର୍ଯ୍ୟରତ ଶ୍ରମିକ ଏବଂ ଶିଶୁ ଶ୍ରମିକ ଅତ୍ୟନ୍ତ ବିପଦସଙ୍କୁଳ ଓ ଅପରିଷ୍କାର ପରିବେଶରେ କାର୍ଯ୍ୟ କରିବା ଫଳରେ ନାନା ଚର୍ମରୋଗର ଶିକାର ହେଉଥିବା ଜଣାପଡ଼ିଥିଲା। ଶିଶୁମାନେ କୌଣସି ଅଙ୍ଗନବାଡ଼ି କିମ୍ବା ସ୍କୁଲ ଯିବା ପାଇଁ ସୁଯୋଗ ନାହିଁ। ସେମାନେ ନିଜ ପରିବାର ସଦସ୍ୟ ସହିତ କାମ କରୁଥିଲେ ମଧ୍ୟ ସେମାନଙ୍କୁ କୌଣସି ପାଉଣା ମିଳୁନଥିବା ଜଣାପଡ଼ିଥିଲା। ଶ୍ରମିକମାନଙ୍କ ପାଇଁ କୌଣସି ଶୌଚାଳୟର ବ୍ୟବସ୍ଥା ନଥିଲା। ଏପରିକି କୌଣସି ସୁରକ୍ଷା ପ୍ରଦାନକାରୀ ସାମଗ୍ରୀ ଯୋଗାଇ ଦିଆଯାଉନଥିବା ଅଭିଯୋଗ କରିଥିଲେ। ଏପରିକି ସେମାନଙ୍କ ପାଖରେ କୌଣସି ପରିଚୟ ପତ୍ର ମଧ୍ୟ ଦେଖାଇପାରିନଥିଲେ। ତେଣୁ ଏଭଳି ଅଭିଯୋଗ ଆସିବା ପରେ ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଗୋଲ କୋଇଲା କମ୍ପାନୀ ପ୍ରୀତମ ଟ୍ରେଡର୍ସର ମାଲିକ ପ୍ରମୋଦ କୁମାର ସାମଲଙ୍କ ବିରୋଧରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ବିଏନଏସର ବିଭିନ୍ନ ଧାରା, ଶ୍ରମ ଆଇନର ବିଭିନ୍ନ ଧାରା, ତଫସିଲ ଭୁକ୍ତ ଜାତି ଓ ଜନଜାତି ଧାରା, ଜୁଭେନାଇଲ ଜଷ୍ଟିସର ବିଭିନ୍ନ ଧାରାରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯାଇଛି। ଏ ସମ୍ପର୍କରେ ଗୋଲ କୋଇଲା କାରଖାନା ମାଲିକ ପ୍ରମୋଦ ସାମଲଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଉଠାଇନଥିଲେ। କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ଙ୍କୁ ପାରିବାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି(୨୩୯/୨୬)। ଘଟଣାର ଅଧିକ ଯାଞ୍ଚ ଜାରି ରହିଛି ଏବଂ ବିଭିନ୍ନ ବିମଭାଗର ମତାମତ ନିଆଯିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ବରୀର ଶୁଭେନ୍ଦୁ ରଖିଲେ ୯୭ ପ୍ରତିଶତ ନମ୍ବର

**ବରୀ, ୨୧।୫ (ସମିସ):** ବରୀ ବ୍ଲକ ଅନ୍ତର୍ଗତ ଧାରପୁର ପଞ୍ଚାୟତ ଧାରପୁର ଗ୍ରାମର ଶୁଭେନ୍ଦୁ ପାଟି ମାଧ୍ୟମିକ ଶିକ୍ଷାପରିଷଦ ବାର୍ଷିକ ପରୀକ୍ଷାର ବିଜ୍ଞାନ ବିଭାଗରେ ୬୦୦ରୁ ମୋଟ ୫୮୨ ନମ୍ବର ଅର୍ଥାତ୍ ୯୭ ପ୍ରତିଶତ ମାର୍କ ରଖି ବରୀ ବ୍ଲକର ନାମ ବଗୌରବାନିତ କରିଛନ୍ତି। ପିତା



କମଳାକାନ୍ତ ପତି ଓ ମାତା ରଶ୍ମିତା ପତିଙ୍କ ପୁତ୍ର ଶୁଭେନ୍ଦୁ ଚଳିତ ବର୍ଷ ମାଧମିକ ଶିକ୍ଷା ପରିଷଦ ପରୀକ୍ଷାରେ ବିଜ୍ଞାନ ବିଭାଗରେ ଇଂରାଜୀରେ ୯୮, ଓଡ଼ିଆରେ ୧୦୦, ଫିଜିକ୍ସରେ ୯୫, କେମେଷ୍ଟ୍ରିରେ ୧୦୦, ଗଣିତରେ ୯୬ ଓ ବାୟୋଲୋଜିରେ ୯୪ ନମ୍ବର ରଖିଛନ୍ତି। ସେ"ଟାଙ୍ଗୀ ସ୍ଥିତ ଟେଟ୍ରା ହେଡେନ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିଲେ। ବାପା ଘରୋଇ କମ୍ପାନୀର କର୍ମଚାରୀ ହୋଇଥିବା ବେଳେ ମା' ଗୃହିଣୀ ଅଟନ୍ତି। ସେ ଭବିଷ୍ୟତରେ ଡାକ୍ତର ହେବେ ବୋଲି ମତ ରଖିଛନ୍ତି।

# ବିଧାୟକଙ୍କ ଦ୍ୱାରା ୨ ରାସ୍ତାର ଶିଳାନ୍ୟାସ



**ଧର୍ମଶାଳା, ୨୧।୫ (ସମିସ) :** ଧର୍ମଶାଳା ବ୍ଲକର ଦୁଇ ଗୋଟି ସ୍ଥାନରେ ରାସ୍ତାର ନବୀକରଣ ଓ ପ୍ରସସ୍ତୀକରଣ ପାଇଁ ଆଜି ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଶିଳାନ୍ୟାଶ କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧର୍ମଶାଳା ଜଗନ୍ନାଥ ସଡକ ବ୍ରାହ୍ମଣୀ ଘାଟ ଠାରୁ ଭୁବନ ଓ ନୂଆପାଟଣା ଠାରୁ କୋତପୁର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ ପାଇଁ ଆଜି ଶିଳାନ୍ୟାଶ କରିଛନ୍ତି। ଏହି ଶିଳାନ୍ୟାଶ ଉତ୍ସବରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଭବାନୀପୁର ସରପଞ୍ଚ ଜ୍ୟୋତିର୍ମୟୀ ନାୟକ, ବିଜେପି ନେତା କାହ୍ନୁ ଚରଣ ଦାଶ, ଶରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭୁବନ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ୬କୋଟି ୩୦ ଲକ୍ଷ ଓ ନୂଆପାଟଣା- କୋତପୁର ରାସ୍ତା କାମ ଲାଗି ୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅଜି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମନେ ଶିଳାନ୍ୟାଶ ସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବଜ୍ରପାତରେ ମହିଳା ମୃତ

**କୋରେଇ, ୨୧।୫(ସମିସ):** କାଳବୈଶାଖୀବେଳେ ବଜ୍ରପାତ ଘଟିବାରୁ ଜଣେ ମହିଳାଙ୍କୁ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କୋରେଇ ବ୍ଲକ ପାଟରଙ୍ଗା ଗ୍ରାମର କାଳନ୍ଦୀ ଦେହୁରୀଙ୍କ ପତ୍ନୀ ସୁଲୋଚନା ଦେହୁରୀ (୫୯)। ଗୁରୁବାର ଅପରାହ୍ଣରେ ଏହି ଅଘଟଣ ଘଟିଛି। ସେ ଛେଳି ଚରାଇ ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। କୋରେଇ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ଦାନଗଦୀରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ରଞ୍ଜନ ଦାସ କହିଛନ୍ତି। ପରିବାରକୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ବ୍ରଜପାତରେ ଜଳିଗଲା ନଡ଼ିଆ ଗଛ, ଟ୍ରାକ୍ଟର

**ପାଣିକୋଇଲି, ୨୧।୫(ସମିସ):** ପ୍ରବଳ ତାତିରେ ସମଗ୍ର ରାଜ୍ୟ ଜଳୁଥିବାବେଳେ ଆଜି ଅପରାହ୍ଣରେ କାଳ ବୈଶାଖୀ ବର୍ଷା ହୋଇଛି। ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ନଡ଼ିଆ ଗଛ ଜଳିବା ସହ ଜଣେ ଯୁବକ ଲୁନାରୁ ଖସିପଡ଼ି ଆହତ ହୋଇଛନ୍ତି। ପ୍ରକାଶ ଯେ ଆଜି ଅପରାହ୍ଣରେ ହଠାତ୍ ଆକାଶ ମେଘାଚ୍ଛନ୍ନ ହୋଇ ବିଜୁଳି ମାରିଥିଲା। ଫଳରେ ଯାଜପୁର ବ୍ଲକ ଅନ୍ତର୍ଗତ ମତାବାଜ ଗ୍ରାମର ଓକିଲ ଖାଁଙ୍କ ଘର ଆଗରେ ଥିବା ଏକ ନଡ଼ିଆ ଗଛ ଜଳିବାକୁ ଲାଗିଥିଲା। ସେହିପରି ମତାବଜ ଗ୍ରାମର ଅଭିନ୍ନ ଦଲେଇ (ଜଣେ ଟ୍ରାକ୍ଟର ଡ୍ରାଇଭର) ଲୁନାରେ ଯାଉଥିବା ବେଳେ ବଜ୍ରପାତ ହେବାରୁ ସେ ଲୁନାରୁ ଛିଟିକି ପଡ଼ି ଆହତ ହୋଇଥିବା ସୂଚନା ମିଳିଛି। ଯାଜପୁର ଟାଉନ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା।



# ଯୁକ୍ତ ଦୁଇ ଫଳ: ଜିଲ୍ଲାରେ କଳା ୮୦, ବିଜ୍ଞାନ ୯୧ ଓ ବାଣିଜ୍ୟରେ ୯୧ ପ୍ରତିଶତ ଉତ୍ତୀର୍ଣ୍ଣ

**ଯାଜପୁର, ୨୧।୫(ସମିସ)**

ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଜିଲ୍ଲାରେ ଯୁକ୍ତଦୁଇ କଳାରେ ମୋଟ ୧୧୫୮୫ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୪୯୪ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୮୬୬ ଜଣ ପ୍ରଥମ ଶ୍ରେଣୀରେ ୧୮୯୭ ଜଣ ଦ୍ୱିତୀୟ ଶ୍ରେଣୀରେ ୫୪୭୬ ଜଣ ତୃତୀୟ ଶ୍ରେଣୀରେ ଏବଂ ୨୭ ଜଣ କମ୍ପାଟମେଣ୍ଟାଲରେ ପାସ କରିଛନ୍ତି। ମୋଟ ୯୨୬୬ ଜଣ ପାସ କରିଥିବା ବେଳେ ପାସ ହାର ୮୦.୬୧ ପ୍ରତିଶତ ରହିଛି। ବିଜ୍ଞାନ ରେ ୫୯୬୫ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୫୯୪୫ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୭୮୪ ଜଣ ପ୍ରଥମ ଶ୍ରେଣୀରେ ୧୨୦୩ ଜଣ ଦ୍ୱିତୀୟ ଶ୍ରେଣୀରେ ୩୫୪ ତୃତୀୟ ଶ୍ରେଣୀରେ ଏବଂ ୮୭ ଜଣ କମ୍ପାଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୫୪୨୮ ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ପାସ ହାର ୯୧.୩୦ ରହିଛି। ସେହିପରି ବାଣିଜ୍ୟ ବିଭାଗରେ ୧୧୨୬ ଜଣ ଫର୍ମ ପୂରଣ କରିଥିବାବେଳେ ୧୧୧୮ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୦୯ ଜଣ ପ୍ରଥମ ଶ୍ରେଣୀରେ ୨୫୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୫୮ ଜଣ, ତୃତୀୟ ଶ୍ରେଣୀରେ ଏବଂ ୫ ଜଣ କମ୍ପାଟମେଣ୍ଟାଲରେ ପାସ କରିଛନ୍ତି। ମୋଟ ୧୦୨୪ ଜଣ ପାସ୍ କରିଥିବା ବେଳେ ପାସ ହାର ୯୧.୫୯ ରହିଛି।

## ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

**ପାଣିକୋଇଲି, ୨୧।୫(ସମିସ):** ପାଣିକୋଇଲିସ୍ଥିତ ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗର ପାସ ହାର ୮୫ପ୍ରତିଶତ ହୋଇଛି। ୧୨୦ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୫ ଜଣ ପ୍ରଥମ ଶ୍ରେଣୀରେ, ୨୨ ଜଣ ଦ୍ୱିତୀୟ ଶ୍ରେଣୀରେ ୪୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୫୩ ନମ୍ବର ରଖି ସ୍ୱପ୍ନସମ୍ପୂର୍ଣ୍ଣା ସ୍ୱାଇଁ ପ୍ରଥମ, ୫୪୯ ନମ୍ବର ରଖି ଶୁଭଶ୍ରୀ ପଲତା, ୫୪୦ନମ୍ବର ରଖି ବିଶ୍ୱରଞ୍ଜନ ପାଲ କଲେଜର ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୯୬ପ୍ରତିଶତ ଫଳ ହୋଇଛି। ୧୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୩୫ ନମ୍ବର ରଖି ଶ୍ରୀସନ୍ତ ବେହେରା କଲେଜ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ପାସ ହାର ୭୯ପ୍ରତିଶତ ରହିଛି। ପ୍ରଥମ ଶ୍ରେଣୀରେ ୨୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୩୪ ନମ୍ବର ରଖି ମୀରା ସାହୁ କଲେଜ ଟପ୍ପର ହୋଇଛନ୍ତି।

## ଝାଡ଼େଶ୍ୱର ଜୁନିୟର କଲେଜର ବାଜିମାତ୍

**ଦାନଗଦୀ, ୨୧।୫(ସମିସ):** ଚଳିତ ବର୍ଷ +୨(ଯୁକ୍ତ ଦୁଇ) ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି, ଦାନଗଦୀ ବ୍ଲକ ଅନ୍ତର୍ଗତ ଟୋଲକାନୀସ୍ଥିତ ଝାଡ଼େଶ୍ୱର ଜୁନିୟର କଲେଜ ଏଥର ଅପୂର୍ବ ସଫଳତା





ହାସଲ କରିଛି। କଳା ବିଭାଗର ମୋଟ ୨୩୦ ଜଣ ପିଲାଙ୍କ ମଧ୍ୟରୁ ୧୭୧ ଜଣ ପାସ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୯ ଜଣ ଓ ୧୨୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗର ୪୭୭ ନମ୍ବର ରଖି ସ୍ମୃତିରେଖା ଦାସ ଟପ୍ପର ହୋଇଥିବାବେଳେ ବିଜ୍ଞାନରେ ୪୨୭ ନମ୍ବର ରଖି ଅର୍ଚି ଉର୍ମିଶା ବାରିକ ଟପ୍ପର ହୋଇଛନ୍ତି। ବିଜ୍ଞାନର ୧୪ଜଣ ପିଲାଙ୍କ ମଧ୍ୟରୁ ୧୦ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨ଜଣ, ଦ୍ୱିତୀୟ ଶ୍ରେଣୀରେ ୨ଜଣ ଓ ତୃତୀୟ ଶ୍ରେଣୀରେ ୬ଜଣ ଅଟନ୍ତି। ଏହି ସଫଳତା ପାଇଁ କଲେଜର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# କୃତୀ ଛାତ୍ରୀଙ୍କୁ ବିଧାୟିକାଙ୍କ ସମ୍ବର୍ଦ୍ଧନା



**ବିଂଝାରପୁର, ୨୧।୫ (ସମିସ) :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବିଂଝାରପୁରପୁର ବ୍ଲକ ଅରେଇ ପଞ୍ଚାୟତ ତଥା ଗ୍ରାମର ସକାଳ ପ୍ରତିନିଧି ସତ୍ୟରଞ୍ଜନ ମଲ୍ଲିକ ଓ ରେବତୀ ମଲ୍ଲିକଙ୍କ ଝିଅ ସ୍ୱାତୀ ସୁମନ ମଲିକ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି (୫୭୧) ରଖି ନିଜ ପଞ୍ଚାୟତ ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସ୍ୱାତୀ ସୁମନର ଏହି ସଫଳତା ସମ୍ପର୍କରେ ଜଣାପଡ଼ିବା ପରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ବିଧାୟିକା ପ୍ରମିଳା, ସ୍ୱାତୀ ନିକଟରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଭବିଷ୍ୟତରେ ତାଙ୍କୁ ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାତୀ ସୁମନ ଯାଜପୁର ଟାଉନସ୍ଥିତ ବିଦ୍ୱାନ ଆବାସିକ ଉଚ୍ଚ ମାଧ୍ୟମିକ ସ୍କୁଲରେ ପଢୁଥିଲେ। ତାଙ୍କର ଏହି ସଫଳତାରେ ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେ ଭବିଷ୍ୟତରେ ଡାକ୍ତର ହେବାକୁ ଚାହିଁଛନ୍ତି।

## ରିଜିଓନାଲ ଯୁକ୍ତ୨ ବିଜ୍ଞାନ କଲେଜର ସଫଳତା



**ଧର୍ମଶାଳା, ୨୧।୫( ସମିସ):** ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାର ଫଳ ପ୍ରକାଶ ପାଇଥିବା ବେଳେ ଧର୍ମଶାଳା ବ୍ଲକ ରଥଆସ୍ଥିତ ରିଜିଓନାଲ ଯୁକ୍ତ୨ ବିଜ୍ଞାନ କଲେଜରେ ଶତପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବା ଜଣାଯାଇଛି। ଏହି କଳଜରେ ଚଳିତ ବର୍ଷ ୫୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୭ ଜଣ ଶତପ୍ରତିଶତ ଛାତ୍ରଛାତ୍ରୀ ପାସ କରିଛନ୍ତି। ସେହିପରି ୫୭ ଜଣ ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ୪୨ ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିବା ନେଇ କଲେଜର ପରିଚାଳକ ବିଜୟ କେତନ ଦାଶ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଏକ୍ସେଲସିଅରର ସଫଳତା; ବିଭୁରାଜ ରାଉତ ଟପ୍ପର

**ଯାଜପୁର, ୨୧।୫(ସମିସ):** ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଏକ୍ସେଲସିଅର ସ୍କୁଲ ନିଜ ରେକର୍ଡକୁ ଭାଙ୍ଗିଛି। ବ୍ୟାସନଗର ସହର ନିକଟରେ ଅବସ୍ଥିତ ଏହି ସ୍କୁଲ ଚଳିତ ବର୍ଷର +୨ ବିଜ୍ଞାନରେ ଆଶାଠାରୁ ଅଧିକ ସଫଳତା ହାସଲ କରିଛି। ଅଭିଜ୍ଞ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପରିବର୍ଦ୍ଧିତ ଶିକ୍ଷା ପଦ୍ଧତି ଭଲ ଫଳ ଆଣିଛି। ଚଳିତ ବର୍ଷ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ପରୀକ୍ଷାରେ ଏକ୍ସେଲସିଅର ସ୍କୁଲର ୩୦୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରକାଶ ପାଇଥିବା ଫଳାଫଳରେ ପ୍ରଥମ ଶ୍ରେଣୀରେ ସମସ୍ତ ଛାତ୍ରଛାତ୍ରୀ ପାସ୍ କରିବା ଭଳି ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଆଗକୁ ବଢ଼ିଥିବା ଏକ୍ସେଲସିଅରର ୩୦୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଜ୍ଞାନ



ଛାତ୍ର ବିଭୁରାଜ ରାଉତ ୯୯.୩୩ଧ ନମ୍ବର ପାଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ବିଦ୍ୟାଳୟର ୮୭ଜଣ ଛାତ୍ରଛାତ୍ରୀ ୯୫ପ୍ରତିଶତ ଉପରେ ନମ୍ବର ରଖିବାର ସଫଳତା ପାଇଥିବା ବେଳେ ୯୦ପ୍ରତିଶତ ଅଧିକ ନମ୍ବର ରଖିବାରେ ୧୭୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କେବଳ ୭୦ପ୍ରତିଶତ ନମ୍ବରରେ ମାତ୍ର ୨ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଅନ୍ୟ ସମସ୍ତେ ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିପାରିଛନ୍ତି। ବିଶେଷକରି ମନୀଷା ମଞ୍ଜରୀ ମହାନ୍ତି ଏବଂ ଅରୂପ ନାରାୟଣ ପଣ୍ଡା (୯୯ ପ୍ରତିଶତ) ଉପରେ ରହିଥିବା ବେଳେ ଧର୍ମେନ୍ଦ୍ର ମହାରଣା (୯୮.୩୩ ପ୍ରତିଶତ), ଯଜ୍ଞସେନ ନାୟକ ଓ କିରଣଜ୍ୟୋତି ନାୟକ (୯୮.୬୭ପ୍ରତିଶତ), ପଦ୍ମିନୀ ପ୍ରିୟଦର୍ଶନୀ ସ୍ୱାଇଁ ଓ ପ୍ରଣୟ କୁମାର ସାହୁ (୯୮.୫), ନାରାୟଣ ପ୍ରସାଦ ମହାନ୍ତି (୯୮.୨), ଦେବାଶିଷ ପ୍ରଧାନ (୯୮), ଦିବ୍ୟରଞ୍ଜନ ସାହୁ (୯୭.୮), ସୌମ୍ୟା ପ୍ରିୟଦର୍ଶନୀ ବାରିକ ଓ ତନ୍ମୟୀ ମହାନ୍ତ (୯୭.୭), ବିଷ୍ଣୁପ୍ରିୟା ମହାନ୍ତି, ଦିବ୍ୟପ୍ରସାଦ ତ୍ରିପାଠୀ ଓ ସୌମ୍ୟରଞ୍ଜନ ସାହୁ (୯୭.୫), ଅଙ୍କିତ ସାହୁ (୯୭.୩), ଓମ୍ ପ୍ରକାଶ ପରିଡ଼ା (୯୭.୨ଧ), ଓମ୍ ପ୍ରସାଦ ରାଉତ, ଅଭିନାଶ ବେହେରା, ଜିତ୍ ଜନ୍ମଜୟ ସାହୁ, ପିୟୂଷ ରଞ୍ଜନ ମହାନ୍ତ, ଶ୍ରୁତିରେଖା ରାଉତ, ସ୍ୱପ୍ନଶ୍ରୀ ବେହେରା, ଜ୍ୟୋସ୍ନାରାଣୀ ପରିଡ଼ା, ଆର୍ୟନ ସାମଲ, ପ୍ରୀତି ପ୍ରତ୍ୟାଶା ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଶୃଙ୍ଖଳା ସାହୁ ଓ ସୂର୍ଯ୍ୟକାନ୍ତ ସାମଲ (୯୭) ପ୍ରମୁଖ ବିଦ୍ୟାଳୟ ଅନନ୍ୟ ପ୍ରତିଭା ଭାବେ ପରିଗଣିତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ବେଶ୍ ସନ୍ତୋଷ ପ୍ରକାଶ କରିବା ସଙ୍ଗେସଙ୍ଗେ ଶିକ୍ଷା ପଦ୍ଧତିର ପରିସୀମାକୁ ଅଧିକ ବୃଦ୍ଧିଭୂତ କରିବା ପାଇଁ ଯୋଜନା କରାଯାଇଥିବା ସୂଚନା ଦେଇଛନ୍ତି।

## ଜଗନ୍ନାଥଜିଉ କଲେଜର +୨ ବିଜ୍ଞାନରେ ଶତ ପ୍ରତିଶତ ରେଜଲ୍ଟ

**କବାଟବନ୍ଧ, ୨୧।୫(ସମିସ):** ବୁଧବାର ଉଚ୍ଚ ମାଧ୍ୟମିକ ରେଜଲ୍ଟ ପ୍ରକାଶ ପାଇବା ପରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଚଢ଼େଇଧରାସ୍ଥ ଜଗନ୍ନାଥଜିଉ ମହାବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ଏହା ସହିତ କଳା ବିଭାଗର ମଧ୍ୟ ଛାତ୍ରଛାତ୍ରୀ ମଧ୍ୟ ବିଭିନ୍ନ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ରେଗୁଲାର ଭାବେ ୧୪୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୧୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ୨୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୮୨ ଜଣ ତୃତୀୟ ପାସ କରିଛନ୍ତି। ସେହିପରି ବିଜ୍ଞାନ ବିଭାଗ ରେ ପୂର୍ବ ବର୍ଷର ଦୁଇ ଜଣଙ୍କୁ ମିଶାଇ ମୋଟ ୬୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୫ ଜଣ ପ୍ରଥମ ଶ୍ରେଣୀରେ ଏବଂ ୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପୂର୍ବ ବର୍ଷର ଦୁଇ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। କଳା ବିଭାଗରେ ରୁଦ୍ର ନାରାୟଣ ଦଳାଇ ସର୍ବାଧିକ ୪୫୧ ନମ୍ବର ଏବଂ ବିଜ୍ଞାନ ବିଭାଗରେ ରୀତି ପ୍ରିୟଦର୍ଶନୀ ଜେନା ୫୭୯ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଛାତ୍ରଛାତ୍ରୀଙ୍କର ଏହି ସଫଳତା ପାଇଁ ଅଞ୍ଚଳବାସୀ କଲେଜର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କଲେଜର କଳା ବିଭାଗର ପାସ ହାର ୭୯ ପ୍ରତିଶତ ହୋଇଥିବା ବେଳେ ବିଜ୍ଞାନ ପାସ ହାର ଶତ ପ୍ରତିଶତ ହୋଇଛି।


SBI

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

**ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି**
**(ବିଜ୍ଞାପନ ନଂ. CRPD/APPR/2026-27/07)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି।

**ଆପ୍ରେଣ୍ଟିସେସ୍ ସଂଖ୍ୟା: 7150**
**ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ**

*(ଯତ୍ନ: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛ)*

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

**ସ୍ଥାନ:** ମୁମ୍ବାଇ
**ତାରିଖ:** 19.05.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ପ୍ରତିଷ୍ଠାକୁ ୬୫ ବର୍ଷ: ବଦଳୁନି ବନ୍ତ ବ୍ଲକ୍‌ର ଭାଗ୍ୟ

ବନ୍ତ/ଆଗରପଡ଼ା,୨୧।୫(ସମିସ)




ବିଭିନ୍ନ ଦୃଷ୍ଟିକୋଣରୁ ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍ ମଧ୍ୟରୁ ବନ୍ତ ବ୍ଲକ୍ ଅନ୍ୟତମ। ୧୯୬୧ ମସିହାରେ ପ୍ରତିଷ୍ଠିତ ଉକ୍ତ ବ୍ଲକ୍ ୨୦୬ଟି ରାଜସ୍ୱ ଗ୍ରାମ ଓ ୨୫ଟି ପଞ୍ଚାୟତର ୧ ଲକ୍ଷ ୭୫ ହଜାର ୬୩ରୁ ଅଧିକ ଜନସଂଖ୍ୟାକୁ ନେଇ ଗଠିତ। ବ୍ଲକ୍ ପ୍ରତିଷ୍ଠାକୁ ଇତି ମଧ୍ୟରେ ୬୪ ବର୍ଷ ପୂରିଯାଇଥିଲେ ସୁଦ୍ଧା ଉକ୍ତ ବ୍ଲକ୍‌କୁ ଆଜି ବି ବିକାଶ ଛୁଇଁ ପାରିନାହିଁ। ବ୍ଲକ୍‌ବାସୀ ସେମାନଙ୍କ ମୌଳିକ ସୁବିଧାରୁ ଆଜି ବି ବଞ୍ଚିତ। ୧୯୬୩ ମସିହାରେ ସ୍ଥାପିତ ବ୍ଲକ କାର୍ଯ୍ୟାଳୟଟିର କିଛି ବର୍ଷ ହେବ ନବକଳେବର ହୋଇଛି ତଥାପି ଆବଶ୍ୟକୀୟ କର୍ମଚାରୀ ନ ଥିବାରୁ ବିକାଶମୂଳକ କାର୍ଯ୍ୟରେ ଘୋର୍ ବ୍ୟାଘାତ ସୃଷ୍ଟି ହେଉଛି। ସେହିପରି ବନ୍ତ ବ୍ଲକ୍ ସଦର ମହକୁମାରେ ଥିବା ବନ୍ତ ତହସିଲ୍ ସ୍ଥାପିତ ହେବାକୁ ଇତି ମଧ୍ୟରେ ୨୯ ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ ଲାଗିରହିଥିବା ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ।

ଉକ୍ତ ତହସିଲ୍ ଉପରେ ୬ଟି ଆର୍‌ଆଇ ସର୍କଲ, ୨୦୬ଟି ରାଜସ୍ୱ ଗ୍ରାମର ୧ଲକ୍ଷ ଜନସଂଖ୍ୟା ନିର୍ଭର କରିଥା'ନ୍ତି। ବର୍ଷବର୍ଷ ଧରି କର୍ମଚାରୀଙ୍କ ଅଭାବ ପୂରଣ ହୋଇପାରୁ ନ ଥିବାରୁ ଏହି କାର୍ଯ୍ୟାଳୟ ଅଧୀନରେ ୧୪ରୁ ଉର୍ଦ୍ଧ୍ୱ ବିଭାଗ ଥିବାବେଳେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ମଧ୍ୟ ହୋଇପାରୁ ନ ଥିବା ପରିଲକ୍ଷିତ ହେଉଛି। ସେହିପରି ସରକାର ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାବେଳେ ଉକ୍ତ ବ୍ଲକ୍ ଅଧୀନରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ନାନା ଅବ୍ୟବସ୍ଥା ମଧ୍ୟରେ ଗତିକରୁଥିବାର ଜଣାପଡ଼ିଛି। ସରକାରୀ ଭାବେ ଏହି ବ୍ଲକ୍‌ରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିବା ସହ ପ୍ରାୟ ବହୁ ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ମାନ ପ୍ରତିଷ୍ଠା ହୋଇଛି। କିନ୍ତୁ ସେଗୁଡ଼ିକ କେବଳ ଗୃହ ମଧ୍ୟରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଆଗରପଡ଼ାଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବାବେଳେ ୪ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ବନ୍ତ, ଅଡ଼ାଳପଙ୍କ, କାଦବରାଙ୍ଗ ଓ କେନ୍ଦୁଆପଦା ଆଦି ସ୍ଥାନମାନଙ୍କରେ କାର୍ଯ୍ୟ କରୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତରଙ୍କ ଅଭାବ ସାଙ୍ଗକୁ କର୍ମଚାରୀଙ୍କ ଅଭାବ ବର୍ଷ ବର୍ଷ ଧରି ଲାଗିରହିଥିଲେ ମଧ୍ୟ ଏହାର ପୂରଣ ହୋଇପାରୁନି। ଏହି କେନ୍ଦ୍ରଗୁଡ଼ିକରେ ଡାକ୍ତରଙ୍କ ଅଭାବ ଯୋଗୁଁ ଏବେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଦ୍ୱାରା ଏହି କେନ୍ଦ୍ର ଚାଲୁଛି। ଉପକେନ୍ଦ୍ରଗୁଡ଼ିକ ନିର୍ମାଣ ସରିଥିଲେ ମଧ୍ୟ ତାହାର ସଫଳ ରୂପାୟଣ ହୋଇପାରୁ ନ ଥିବାର ଅଭିଯୋଗ ହେଉଛି। ଜମିଜମାର କ୍ରୟବିକ୍ରୟ, ମାଲିକାନା ସତ୍ତ୍ୱ, ଦାନପତ୍ର, ଦସ୍ତାବିଜ୍, କ୍ଷମତାପତ୍ର, ବିବାହ ପରି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସମ୍ପାଦନ ପାଇଁ ସରକାର ପ୍ରତି ତହସିଲ୍ ଅଧୀନରେ ଉପନିବନ୍ଧକ କାର୍ଯ୍ୟାଳୟମାନ ନିର୍ମାଣ କରିଛନ୍ତି। ୧୯୮୫ ମସିହାରେ ଏହି ବିଭାଗ ବନ୍ତରେ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ଉକ୍ତ କାର୍ଯ୍ୟାଳୟ ୪୧ ବର୍ଷରେ ପଦାର୍ପଣ କରିଛି। ଏବେ ଏହା ଅଧୀନରେ ୧୫୦ରୁ ଅଧିକ ରାଜସ୍ୱ ଗ୍ରାମର ଦେଢ଼ ଲକ୍ଷ ଜନସଂଖ୍ୟା ନିର୍ଭର କରୁଛନ୍ତି। ହେଲେ ସେହି ସର୍ବପୁରାତନ ଓ ସଙ୍କୁଚିତ ଗୃହର ରୂପରେଖରେ ସାମାନ୍ୟ ପରିବର୍ତ୍ତନ ଘଟିନି। ସେହିପରି ଉକ୍ତ ବ୍ଲକ୍ ଉପରେ ୨୫ଟି ପଞ୍ଚାୟତର ବାସିନ୍ଦାଙ୍କ ସମେତ ଅନ୍ୟ ଜିଲ୍ଲାର ବାସିନ୍ଦା ନିର୍ଭର କରୁଥିବା ସ୍ଥଳେ ବନ୍ତ ବଜାରରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବିଶ୍ରାମାଗାର, ଶୌଚାଳୟ ଏବଂ ବସ୍‌ଷ୍ଟାଣ୍ଡଟିଏ ନିର୍ମାଣ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଆଗରପଡ଼ା ମଧ୍ୟ ଉକ୍ତ ବ୍ଲକ୍‌ର ଏକ ପ୍ରମୁଖ ସ୍ଥାନ ହୋଇଥିବାବେଳେ ଏହାର ବଜାର ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବିଶ୍ରାମାଗାର, ଶୌଚାଳୟ ଏବଂ ବସ୍‌ଷ୍ଟାଣ୍ଡଟିଏ ନିର୍ମାଣ ହୋଇପାରିନାହିଁ। ଆଗରପଡ଼ା-ବରପଦା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ଇତି ମଧ୍ୟରେ ସ୍ଥାୟୀ ରାସ୍ତା ନିର୍ମାଣ ସରୁସରୁ ପୁଣି ମରାମତି ମାଗିବା ଆରମ୍ଭ ହେଲାଣି। ସେହିପରି ଆଜି ପର୍ଯ୍ୟନ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରିନାହିଁ। ଏହା ବିଆର୍‌ସିସିଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟାଳୟରେ ଚାଲିଛି। ଉକ୍ତ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବହୁ ବିଦ୍ୟାଳୟରେ ଗୃହ ଓ ଶିକ୍ଷକଙ୍କ ଅଭାବ ଯୋଗୁଁ ଶିକ୍ଷା କ୍ଷେତ୍ରରେ ଘୋର୍ ଅସୁବିଧା ସୃଷ୍ଟି ହେଉଛି। ବ୍ଲକ୍‌ର ଏକମାତ୍ର ସରକାରୀ ବିହନ ବିଶୋଧନାଗାର ନିଜର ପରିଚୟ ଖୋଜିବାରେ ଲାଗିଥିବା ବେଳେ 'ବସୁଧା' ଯୋଜନାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ତା'ର ସଫଳତାକୁ ଚାହିଁ ବସିଛି। ସେହିପରି ବନ୍ତ ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ସଡ଼କଗୁଡ଼ିକ ମରାମତି ଅଭାବରୁ ମରଣଯନ୍ତା ପାଲଟିଥିବା ବେଳେ ସମୟସୀମା ସରିଯିବା ପରେ ମଧ୍ୟ ସାଳନ୍ଦୀ ସେତୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହି ବ୍ଲକ୍‌ର ୨୫ଟି ପଞ୍ଚାୟତରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ଆଜି ବି ବହୁ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।

ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଏହି କେନ୍ଦ୍ରରେ ଅଧ୍ୟୟନରତ କୋମଳମତି ଶିଶୁମାନେ ବାରଦୁଆର ହେଉଛନ୍ତି। ସେହିପରି ନିର୍ମାଣକୁ ୬ ବର୍ଷ ପରେ ମଧ୍ୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ତଥା କନିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା ହୋଇପାରୁ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହିପରି ଅନେକ ସମସ୍ୟାରେ ବନ୍ତ ବ୍ଲକ୍ ଗତି କରୁଛି।

## +୨ ବିଜ୍ଞାନରେ ରାଜ୍ୟରେ ସପ୍ତମ ସ୍ଥାନ ଅଧିକାର କଲେ କମଳାକାନ୍ତ



ଧାମନଗର,୨୧।୫(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ତାଳପଦା ଗ୍ରାମର ଅକ୍ଷୟ ରଣା ଓ ପାର୍ବତୀ ରଣାଙ୍କ ସୁପୁତ୍ର କମଳାକାନ୍ତ ରଣା ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷାରେ ଭଦ୍ରକ ଜିଲ୍ଲାରେ ସର୍ବାଧିକ ନମ୍ବର ହାସଲ କରି ଧାମନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କମଳାକାନ୍ତ +୨ ବିଜ୍ଞାନ ପରୀକ୍ଷାରେ ୫୮୬ ନମ୍ବର ରଖି ୯୭.୬୬ ପ୍ରତିଶତ ଅଙ୍କ ହାସଲ କରି ସମଗ୍ର ଓଡ଼ିଶାରେ ସପ୍ତମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ତାଙ୍କର ଏହି କୃତିତ୍ୱ ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍‌ର ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି କମଳାକାନ୍ତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ପାଠ୍ୟପୁସ୍ତକ ଓ ପଠନ ସାମଗ୍ରୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେ କମଳାକାନ୍ତଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଆହୁରି ସଫଳତା ଅର୍ଜନ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଷୋଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉପସ୍ଥିତ ରହି କମଳାକାନ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ମେଧାବୀ ଛାତ୍ରଙ୍କ ଏହି ସଫଳତା ପାଇଁ ମନ୍ତ୍ରୀଙ୍କ ପ୍ରତିନିଧି ଆଶୋକ ପୁହାଣ, କୈଳାଶ ମହାପାତ୍ରଙ୍କ ସହ ବହୁ ଅଞ୍ଚଳବାସୀ ଶୁଭେଚ୍ଛା ଓ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବରିଷ୍ଠ ସାହିତ୍ୟିକଙ୍କ ସ୍ମୃତିଚାରଣ ସଭା




ଭଣ୍ଡାରିପୋଖରୀ,୨୧।୫(ସମିସ): ଗୁରୁବାର ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର ପରିସରରେ ସାହିତ୍ୟକାର ତଥା କବି ଅଚ୍ୟୁତାନନ୍ଦ ସାମଲଙ୍କ ସ୍ମୃତିଚାରଣ ସଭା ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସ୍ୱର୍ଗତ ଅଚ୍ୟୁତାନନ୍ଦ ସାମଲଙ୍କ ଦିଗ୍‌ଦର୍ଶନରେ ଗତ ଫେବୃଆରୀ ମାସରେ ଦୁଇ ଦିନବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ସାହିତ୍ୟ ସଂସଦ ପାଳନ କରିଥିଲା। ବହୁ ସାହିତ୍ୟ ଅନୁଷ୍ଠାନର ସ୍ରଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିବା ସହ ଜଣେ ସୁସଂଗଠକ ଆଦର୍ଶ ଶିକ୍ଷକ ଭାବେ ଭଦ୍ରକ ଜିଲ୍ଲାରେ ନୁହେଁ ସାରା ଓଡ଼ିଶାରେ ପରିଚିତ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହିସାବରେ ସେ ବେଶ୍ ଜଣାଶୁଣା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାହିତ୍ୟିକ ରମାକାନ୍ତ ବେହେରା ସ୍ମୃତିଚାରଣ କରି କହିଥିଲେ ଯେ, ସେ ବ୍ୟକ୍ତି ନ ଥିଲେ ସେ ଥିଲେ ସାହିତ୍ୟ ଜଗତର ବିରାଟ ବଟବୃକ୍ଷ। ତାଙ୍କ ବାହୁଛାୟା ତଳେ ଅନେକ ନୂଆ କବି, ସାହିତ୍ୟିକ ଲେଖନୀ ଧରିବା ଶିଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସମ୍ପାଦକ ପବନ କୁମାର ନାୟକ, ଜଗନ୍ନାଥ ସାମଲ, ମୁରଲୀଧର ଦାସ, ଶିକ୍ଷାବିତ୍ ବିଶ୍ୱମ୍ବର ନାଥ, ଶିକ୍ଷାବିତ୍ ମନୋରଞ୍ଜନ ନାୟକ, ଉପେନ୍ଦ୍ର ପରିଡ଼ା, ଗଣେଶ ବେହେରା, ଶରତ ଚନ୍ଦ୍ର ବେହେରା, ସୁଶାନ୍ତ ସେନାପତି, ରତ୍ନାକର ସେନାପତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଗବେଷକ ଡ. କ୍ଷୀରୋଦ କୁମାର ସାମଲ ଓ ମୁଖ୍ୟବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଶାରଦା ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଓ ଗୁରୁମା' ଗୁରୁଜୀମାନେ ସଭା ପରିଚାଳନା କରିଥିଲେ।

## ପାଦଚଲା ପୋଲ କାମ ଆରମ୍ଭ

ବାରିକପୁର,୨୧।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ୧୬ନଂ ଜାତୀୟ ରାଜପଥର ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ପାଦଚଲା ପୋଲ କାମ ଆରମ୍ଭ ହୋଇଛି। ସୂଚନା ମୁତାବକ, ବିଷ୍ଣୁପୁର ପଞ୍ଚାୟତଟି ରାଜପଥର ଦୁଇ ପାର୍ଶ୍ୱରେ ବିଭକ୍ତ ହୋଇ ରହିଥିବାବେଳେ ଲୋକମାନେ ଗମନାଗମନ ପାଇଁ



ଘୋର୍ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଦୈନିକ ଶହଶହ ଜନସାଧାରଣ ୬ ଲାଇନ୍ ବିଶିଷ୍ଟ ରାଜପଥ ଅତିକ୍ରମ କରିବା କଷ୍ଟକର ହେଉଛି। ଏପରିକି ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବା ଦେଖାଯାଇଛି। ଏନେଇ କେନାଲ ଛକ ଓ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ଏକ ପାଦଚଲା ପୋଲ ନିର୍ମାଣ ପାଇଁ ଦାବି ଉଠିଥିଲା। ଦାବିକୁ ଯଥାର୍ଥ ମନେ କରି ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା କ୍ଷେତ୍ର ପରିଦର୍ଶନ କରିବା ପରେ ଏବେ କାର୍ଯ୍ୟ ଆରମ୍ଭ ହୋଇଛି। ପାଦଚଲା ପୋଲ କାମକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ପାଲା ସଂସ୍କୃତିକୁ ବଞ୍ଚାଇବାରେ ରାଜକିଶୋରଙ୍କ ଅଭୂତପୂର୍ବ ଅବଦାନ



ଅସୁରାଳି,୨୧।୫(ସମିସ): ଓଡ଼ିଶାର ପାରମ୍ପରିକ ଲୋକକଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି "ପାଲା'। ଏହି ସମୃଦ୍ଧ ସାରସ୍ୱତ ପରମ୍ପରାକୁ ଆଜିର ଆଧୁନିକ ଯୁଗରେ ନିଜର ନିଷ୍ଠା ଓ ସାଧନା ବଳରେ ଜୀବନ୍ତ ରଖିବାରେ ସଫଳ ହୋଇଛନ୍ତି ଧୂଷୁରୀ ଥାନା ଅନ୍ତର୍ଗତ ବ୍ରାହ୍ମଣପାଳ ଗାଁର ପ୍ରତିଭାବାନ ପାଲା ଗାୟକ ସ୍ୱର୍ଣ୍ଣପଦକ ପ୍ରାପ୍ତ ଗାୟକ ଭୂଷଣ ଡ. ରାଜ କିଶୋର ନାୟକ। ଓଡ଼ିଶାର ବିଦଗ୍ଧ କଳା ଶାସ୍ତ୍ରୀୟ ନାଟକ ଓ ପାଲା ଜଗତରେ ସେ ଜଣେ ସ୍ଥିତପ୍ରଜ୍ଞ ଗାୟକାଚାର୍ଯ୍ୟ ଭାବରେ ସାରା ରାଜ୍ୟରେ ସୁପ୍ରତିଷ୍ଠିତ ଏବଂ ପରିଚିତ। ସମ୍ପ୍ରତି ଧୂଷୁରୀ ପ୍ରେସ୍ ୟୁନିଅନ୍ ପକ୍ଷରୁ ଆୟୋଜିତ ୨ୟ ବାର୍ଷିକ ସମାବର୍ତ୍ତନ ସମାରୋହରେ ଡ. ନାୟକଙ୍କୁ ତାଙ୍କର ଦୀର୍ଘ ବର୍ଷର ସାଂସ୍କୃତିକ ନିରଳସ ସାଧନା ପାଇଁ "ଆଞ୍ଚଳିକ ଗାୟକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ସାରସ୍ୱତ ସମ୍ମାନ ତାଙ୍କର କଳା ପ୍ରତି ଥିବା ଅହେତୁକ ଭଲପାଇବା ଓ ପ୍ରତିବଦ୍ଧତାର ପ୍ରମାଣ ଦିଏ। ଡ. ନାୟକ କେବଳ ଜଣେ କଳାକାର ନୁହନ୍ତି, ବରଂ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପନା କ୍ଷେତ୍ରରେ ମଧ୍ୟ ତାଙ୍କର ଗଭୀର ପାଣ୍ଡିତ୍ୟ ରହିଛି। ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସେ ଯେତିକି ପ୍ରବିଣତା ହାସଲ କରିଛନ୍ତି, ପାଲା ଜଗତରେ ମଧ୍ୟ ସେତିକି ସୁନାମ ଅର୍ଜନ କରିଛନ୍ତି। ସାହିତ୍ୟର ଗୁଢ଼ତତ୍ତ୍ୱକୁ ପାଲା ମାଧ୍ୟମରେ ସାଧାରଣ ଜନତାଙ୍କ ପାଖରେ ସହଜ ଓ ସରଳ ଶୈଳୀରେ ପହଞ୍ଚାଇବାରେ ସେ ସିଦ୍ଧହସ୍ତ। ସାହିତ୍ୟ ଓ କଳାର ଏହି ଅପୂର୍ବ ସମନ୍ୱୟ ତାଙ୍କ ପ୍ରଦର୍ଶନକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଏବଂ ଆକର୍ଷଣୀୟ କରିଥାଏ। କଳା ସଂସ୍କୃତିର ସୁରକ୍ଷା କେବଳ ମଞ୍ଚ ଉପରେ ସୀମିତ ନ ଥାଏ, ଏଥିପାଇଁ ଦକ୍ଷ ସାଂଗଠନିକ ଶକ୍ତିର ଆବଶ୍ୟକତା ରହିଛି। କଳା ଜଗତରେ ନିଜର ଉଚ୍ଚ ସାଂଗଠନିକ ଦକ୍ଷତା, ଧୂରନ୍ଧରତା ଏବଂ ଭବ୍ୟ କାର୍ଯ୍ୟଧାରା ପାଇଁ ସେ ପାଲା ଜଗତର ଜଣେ ଭୀଷ୍ମ ପିତାମହ ସଦୃଶ୍ୟ। ଲୋପ୍ ପାଇଯାଉଥିବା ଏହି ଲୋକକଳାକୁ ନୂତନ ପିଢ଼ି ମଧ୍ୟରେ ଆଦୃତ କରିବା ଏବଂ ପାଲା କଳାକାରମାନଙ୍କୁ ଏକତ୍ରିତ କରି ସେମାନଙ୍କ ହକ୍ ପାଇଁ କାର୍ଯ୍ୟ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କର ତ୍ୟାଗପୂତ ସାଧନା ଯୋଗୁଁ ଆଜି ମଧ୍ୟ ଗ୍ରାମାଞ୍ଚଳରେ ପାଲା ସଂସ୍କୃତି ଆଦର ଲାଭ କରୁଛି।

## ନିର୍ମାଣକୁ ୨ ମାସ ନ ପୂରୁଣୁ କାନ୍ଥ ଫାଟି ଆଁ

ବନ୍ତ/ଆଗରପଡ଼ା,୨୧।୫(ସମିସ)

ଗତ ଜାନୁଆରୀ ୧୮ରେ 'ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର; ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ମାସରେ ବନ୍ତ ବ୍ଲକ୍ ମଙ୍ଗୁଳିସ୍ଥିତ ବ୍ରାହ୍ମଣସାହିରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟିର ମରାମତି କରାଯିବା ସହ ଏହାର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇଥିଲା। ଇତି ମଧ୍ୟରେ ନିର୍ମାଣକୁ ୨ ମାସ ନ ପୂରୁଣୁ ସୁରକ୍ଷା ପାଚେରିର ବିଭିନ୍ନ ସ୍ଥାନ ଫାଟିବା ଆରମ୍ଭ କଲାଣି। ଯାହାକି ପାଚେରିର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ବିଭାଗର ଏପରି କାର୍ଯ୍ୟ ତା'ର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ପାଚେରିଟି ନଷ୍ଟ ହେବା ଆଗରୁ ବିଭାଗ ପକ୍ଷରୁ ତୁରନ୍ତ ଏହାର ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

ବନ୍ତ ବ୍ଲକ୍ ମଙ୍ଗୁଳିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟିରେ ଏହା ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକ୍‌ଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଥିଲା। ଏହାର ଏୟାର ବ୍ରେକ୍ ସୁଇଚ୍ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲା। ବହୁ ସମୟରେ ଉପଭୋକ୍ତା ବିଜୁଳି ପାଇବାରୁ ବଞ୍ଚିତ ହେଉଥିଲେ। ଏହି ସବ୍‌ଷ୍ଟେସନଟି ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହି ଆସୁଥିଲେ। ପୁରୁଣା ସିମେଣ୍ଟ ଖୁଣ୍ଟକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟି ବସାଇବା ସହ ଏବି ସୁଇଚ୍ ମରାମତି କରିବା ଓ ତା'ର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରିବା ଲାଗି ଗ୍ରାମର ନାରାୟଣ ଦାସ, ସୁଶାନ୍ତ କୁମାର ପତି, ପ୍ରଶାନ୍ତ ପତି, ଚନ୍ଦନ ପତି, ଆନନ୍ଦ କର, ବିନୋଦ କର, ବିଙ୍ଗ ପତି, ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ବହୁ ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏଲ୍ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟନିର୍ବାହୀ ପରିଚାଳକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ୩ ମାସରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ■ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ 'ରାଇଜ୍ କୋଚିଂ ସେଣ୍ଟର'ର ବାଜିମାତ୍ | ଲକି ସାହୁ ଓ ଶ୍ରଦ୍ଧାଞ୍ଜଳି କର ଟପ୍ପର

ଅସୁରାଳ,୨୧।୫(ସମିସ)




ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳରେ ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ "ରାଇଜ୍ କୋଚିଂ ସେଣ୍ଟର'ର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନର ଅନେକ କୃତୀ ଛାତ୍ରଛାତ୍ରୀ ଉଚ୍ଚ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। କୋଚିଂ ସେଣ୍ଟରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ପରୀକ୍ଷାରେ ଲକି ସାହୁ ମୋଟ୍ ୬୦୦ରୁ ୫୫୬ ନମ୍ବର ରଖି ଅନୁଷ୍ଠାନର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରଦ୍ଧାଞ୍ଜଳି କର ୫୪୧ ନମ୍ବର ରଖି ଦ୍ୱିତୀୟ ଏବଂ ସୁଭଦ୍ରା ସାହୁ ୪୮୦ ନମ୍ବର ପାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ସେମାନଙ୍କ ପରିବାର ଏବଂ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ନେତୃତ୍ୱ ରମେଶ ବେହେରା, ଅନିଲ ଦାସ, ରଞ୍ଜନ ମହାନ୍ତି, ସୁଶାନ୍ତ ନାୟକ, ଅନ୍ତର୍ଯ୍ୟାମୀ ଦାସ, ପ୍ରଧାନଶିକ୍ଷକ ଗଙ୍ଗାଧର ବେହେରା, ଅନୁଷ୍ଠାନର ପ୍ରମୁଖ ଷ୍ଟାଫ୍ ଅମିତାଭ ଭୂୟାଁ, ଜିତେନ୍ଦ୍ର ଭୂୟାଁ, ରତିକାନ୍ତ ସାହୁ, ଦିଲ୍ଲୀପ କୁମାର କର, ପ୍ରିୟରଞ୍ଜନ ପରିଡ଼ା, ବିରଜା ପ୍ରସନ୍ନ ନାୟକ ପ୍ରମୁଖ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ଧୂଷୁରୀ ବିଜ୍ଞପିତ ଅଞ୍ଚଳ ପରିଷଦ ଅଧୀନ ବାହାରବିଲ ଗ୍ରାମର ଯୁବ ସମାଜସେବୀ ଜୀବନାନନ୍ଦ ନାୟକଙ୍କ ଝିଅ ପ୍ରିୟଙ୍କା ନାୟକ ୫୫୭ ମାର୍କ ରଖି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଯାଜପୁର ରୋଡ୍‌ସ୍ଥିତ ଏକ୍ସଏଲ୍‌ସିୟୋର +୨ ବିଜ୍ଞାନ କଲେଜରେ ଅଧ୍ୟୟନ କରୁଥିଲେ। ତାଙ୍କର ଏହି କୃତିତ୍ୱ ପାଇଁ ସାମ୍ବାଦିକ ସନ୍ତୋଷ ଦାସ, ରତିକାନ୍ତ ନାୟକ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି।

## ସିଆର୍‌ଆର୍‌ଆଇ ଜୈବସାର ପ୍ରୟୋଗ କର୍ମଶାଳା

## କୃଷି ଉତ୍ପାଦକ କମ୍ପାନୀଙ୍କ ପକ୍ଷରୁ ଚାଷୀଙ୍କୁ ତାଲିମ



ଧାମନଗର,୨୧।୫(ସମିସ): ଧାମନଗର ବ୍ଲକ୍ ଅଧୀନସ୍ଥ ରାଧାବଲ୍ଲଭପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧଟିଆ ଉତ୍କଳମଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ଆର୍‌ଆଇ ଜୈବସାର ପ୍ରୟୋଗ ଉପରେ କୃଷି ଉତ୍ପାଦକ କମ୍ପାନୀଙ୍କ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଚାଷ ଜମିରେ ସାରର ସନ୍ତୁଳିତ ବ୍ୟବହାର ଓ ଜୈବସାର କିପରି ବ୍ୟବହାର କରାଯିବ ସେ ସମ୍ପର୍କରେ କମ୍ପାନୀ ତରଫରୁ ଚାଷୀମାନଙ୍କୁ ସଚେତନ କରିଥିଲେ। ଓଡ଼ିଶାର ଧାନ ଆଧାରିତ ଫସଲ ଏବଂ କୃଷି ପ୍ରଣାଳୀ ପାଇଁ ଗୁଣାତ୍ମକ ବାୟୋଇନୋକୁଲାଣ୍ଟ ଉତ୍ପାଦନ ଲୋକପ୍ରିୟତା ଏବଂ ଯୋଗାଣ ପ୍ରକଳ୍ପ ସହ ଆଇସିଏଆର୍ ଓ ଡିଏଏଫ୍‌ଇ, ନୂଆଦିଲ୍ଲୀର "ମେରା ଗାଁ ମେରା ଗୌରବ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିର ଆୟୋଜିତ ହୋଇଥିଲା। ତାଲିମ ଶିବିରରେ ଚାଷୀମାନଙ୍କୁ ରାସାୟନିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର ଯୋଗୁଁ ମାଟିର ଉର୍ବରତା ହ୍ରାସ, ପରିବେଶ ପ୍ରଦୂଷଣ ଓ ସ୍ୱାସ୍ଥ୍ୟଜନିତ ସମ୍ପର୍କରେ ସୂଚନା ଦିଆଯାଇଛି। ଏହାସହ ଜୈବସାର ଓ ଜୈବ କୀଟନାଶକ ବ୍ୟବହାର ମାଧ୍ୟମରେ ମାଟିର ସୁରକ୍ଷା, ଫସଲ ଉତ୍ପାଦନ ବୃଦ୍ଧି ଏବଂ କୃଷିର ସ୍ଥାୟୀ ଉନ୍ନତି ସମ୍ଭବ ବୋଲି ବୈଜ୍ଞାନିକମାନେ ମତପ୍ରକାଶ କରିଥିଲେ। ପ୍ରାୟ ୫୦ ଜଣ ପ୍ରଗତିଶୀଳ ଚାଷୀ ଏହି ତାଲିମ ଶିବିରରେ ଯୋଗଦେଇଥିଲେ। କଟକ ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ସୁଦୀପ୍ତ ପାଉଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଡ. ଜିତେନ୍ଦ୍ରିଆ ମେହେର, ଡ. ଦେବରାତି ଭାଦୁରୀ, ଡ. କୁତୁବୁଦ୍ଦିନ ଅଲ୍ଲିମୋଲ୍ଲା ଏବଂ ଡ. ଏମ୍. ଆନ୍ନାମଲାଇ ଯୋଗଦେଇ ଜଳବାୟୁ ସ୍ମାର୍ଟ ଧାନ କିସମ, ଫସଲ ଅବଶିଷ୍ଟ ପରିଚାଳନା, ଜୈବସାରର ସମ୍ଭାବନା, ପ୍ରାକୃତିକ ପଦ୍ଧତିରେ କୀଟ ଓ ରୋଗ ନିୟନ୍ତ୍ରଣ ସହ ପରିବେଶଗତ ଓ ଆର୍ଥିକ ସ୍ଥିରତା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରିତମ୍ ଦାସ ଓ ସମାଜସେବୀ ହେମେନ୍ଦ୍ର ଖିଲାର, ୪ଏସ୍‌୪ଆର୍ ଧାମନଗର ଫାର୍ମର ପ୍ରଡ୍ୟୁସର କମ୍ପାନୀର ରଞ୍ଜିତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ପ୍ରାକୃତିକ ଚାଷ ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ କୃଷକ ବ୍ଲକ୍ ସଂଯୋଜକ ସୁଶାନ୍ତ କୁମାର ଲେଙ୍କା, ବୈଷୟିକ କର୍ମଚାରୀ ସୁଶାନ୍ତ ମହାପାତ୍ର, ଅମିତ୍ କୁମାର ମାଇତି, ସୁବ୍ରତ କୁମାର ସାମଲ, ପ୍ରଦୀପ୍ତ ଦାସ ଓ ପ୍ରକଳ୍ପ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଇଦ୍-ଉଲ୍-ଜୁହା ନିମନ୍ତେ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ

ଧାମନଗର,୨୧।୫(ସମିସ)



ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ତ୍ୟାଗ ଓ ବଳିଦାନର ପବିତ୍ର ଇଦ୍-ଉଲ୍-ଜୁହା (ବକ୍ରିଇଦ୍) ପର୍ବ ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳ ୯ଟାରେ ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ନୂତନ ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ରାମଚନ୍ଦ୍ର ଜେନା, ବୀରେନ୍ଦ୍ର ଜେନା, କୃଷ୍ଣ ଚନ୍ଦ୍ର ଜେନା, ପ୍ରତାପ ସାମଲ, ସୟଦ ମୁସ୍ତାଫା ରଜା, ଏମ୍‌ଡି ଫଜଲେବାରି, ଏମ୍‌ଡି ଇସ୍ରାଇଲ ହବିବି, ସେକ୍ ଜାଫର ଅଲ୍ଲୀ ହବିବି, ଗୋଲାମ ଜିଲାନି ହବିବି, ସେକ୍ ଅବ୍‌ଦୁଲ ହାକିମ, ସେକ୍ ଗୋଲାମ ଅଲ୍ଲୀ, ସେକ୍ ଅବଦୂର ରହେମାନ, ଏମ୍‌ଡି ମୁରୁଲ ହକ୍, ଏମ୍‌ଡି ହବିବୁର ରହେମାନ, ସେକ୍ ଅସଲାମ, ସେକ୍ ତାରବାବୁ, ସୁଶାନ୍ତ କୁମାର ରାଉତ, ଜ୍ଞାନରଞ୍ଜନ ମହାକୁଡ଼, ସେକ୍ ମୁସ୍ତାକ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ କୁମାର ନନ୍ଦୀଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ରହି ବ୍ୟାପକ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ପର୍ବ ୨୮, ୨୯ ଓ ୩୦ ତିନିଦିନ ଧରି କିପରି ଶାନ୍ତିଶୃଙ୍ଖଳା ରକ୍ଷା କରି ସମ୍ପନ୍ନ ହେବ ସେଥିପାଇଁ ପ୍ରସ୍ତୁତି କରାଯାଇଛି ବୋଲି ମୁସ୍‌ଲିମ ସମ୍ପ୍ରଦାୟର ସଦସ୍ୟମାନେ ମତପ୍ରକାଶ କରିଥିଲେ। ୨୮ତାରିଖ ସକାଳ ୮ଟାରେ ଧାମନଗର ଇଦ୍‌ଗା ମଇଦାନଠାରେ ଏବଂ ସମସ୍ତ ମସ୍‌ଜିଦରେ ସମୂହ ନମାଜପାଠ ୯ଟା ମଧ୍ୟରେ ସାରିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଯେଉଁମାନେ ନିଷ୍ପତ୍ତିକୁ ବ୍ୟତିକ୍ରମ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପ୍ରଶାସନ ତରଫରୁ ତାଗିଦ୍ କରାଯାଇଛି। ଶେଷରେ ଧାମନଗର ଆଇଆଇସି ସୁଭ୍ରଜିତ ଦାଶ ପୁଲିସ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



ଭଦ୍ରକ,୨୧।୫(ସମିସ): ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ବଜାର ଅଞ୍ଚଳରେ ଜନୈକ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ରଙ୍କ ନାମ ସମ୍ବିତ ବିଶ୍ୱାଳ(୧୯) ବୋଲି ଜଣାପଡ଼ିଛି। ତେବେ ତାଙ୍କ ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ, ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ, ସମ୍ବିତ୍ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବାଣିଜ୍ୟରେ ଚରମ୍ପା ମହାବିଦ୍ୟାଳୟରେ ପଢୁଥିଲେ। ସକାଳୁ ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ତାଙ୍କର ପଛପଟୁ ହାତ ବନ୍ଧା ହୋଇଥିବାବେଳେ ମୁହଁରେ କପଡ଼ା ବନ୍ଧା ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବାଥ୍‌ରୁମ୍‌ର ହ୍ୟାଙ୍ଗରରେ ଯେଉଁ ଗାମୁଛାରେ ଓ ଯେତେ ଉଚ୍ଚତାରେ ଝୁଲୁଥିଲା ତାହା ସନ୍ଦେହ ବଢ଼ାଇଛି। ମାତ୍ର ୪/୫ ଫୁଟ୍ ଉଚ୍ଚତାରେ କିପରି ଜଣେ ଝୁଲିପଡ଼ିବ ପରିବାର ଲୋକେ ସନ୍ଦେହ କରିଛନ୍ତି। ପରିବାର ଲୋକ କହିଛନ୍ତି ଯୋଜନାବଦ୍ଧ ଭାବରେ ସମ୍ବିତ୍‌ଙ୍କୁ ତାଙ୍କର ହାତ ଓ ମୁହଁ ବନ୍ଧା ଯାଇ ହତ୍ୟା କରାଯାଇଛି। ପୁଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

# ବିରୋଳି ଶାସନରୁ ଚୋରି

ବାରିକପୁର,୨୧।୫(ସମିସ): ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ବିରୋଳି ଶାସନରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ଗୃହସ୍ଥ ପର୍ଶୁରାମ ପଣ୍ଡା ଓ ଶରତ ନନ୍ଦଙ୍କ ଘରର କବାଟ ଓ ଗ୍ରିଲ୍ ଭାଙ୍ଗି ଚୋରମାନେ ଶାଢ଼ି, ସୁନା ଅଳଙ୍କାର ଓ ଟଙ୍କା ଚୋରେଇ ନେଇଥିବା ସୂଚନା ମିଳିଛି। ଏନେଇ ପୁଲିସ ନିକଟରେ ଅଭିଯୋଗ ହେବାପରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଖପାଖ ଦୁର୍ବୃତ୍ତମାନେ ଏହି ଚୋରିରେ ସମ୍ପୃକ୍ତଥିବା ଅନୁମାନ କରାଯାଇଛି। ଚୋରି ବାବଦରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ରାସ୍ତାକଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର



ଭଦ୍ରକ/ଆରଡ଼ି,୨୧।୫(ସମିସ): ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତାର ଆରଡ଼ି ସତ୍‌ସଙ୍ଗ ବିହାର ନିକଟରେ ବୁଧବାର ରାତିରୁ ମୁମୂର୍ଷୁ ଅବସ୍ଥାରେ ଜଣେ ବୃଦ୍ଧ ପଡ଼ିରହିଥିବା କିଛି ପଥଚାରୀ ଦେଖିବା ପରେ ଆରଡ଼ି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଆରଡ଼ି ପୁଲିସ ଓ ସ୍ଥାନୀୟ ଲୋକ ବୟସ୍କ ବ୍ୟକ୍ତିଙ୍କର ପରିଚୟ ସନ୍ଧାନ କରିବା ପରେ ମତୋ ଥାନା ମୋବସୁଧା ଅଞ୍ଚଳର ସିଙ୍ଗିଟ ଗାଁର ରାମଚନ୍ଦ୍ର ବିଶ୍ୱାଳ(୬୦) ବୋଲି ଜଣାପଡ଼ିଛି। ବୃଦ୍ଧଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାରୁ ପରିବାର ଲୋକେ ପହଞ୍ଚିବା ପରେ ପୁଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ଭଦ୍ରକ ପଠାଇଥିଲା।

# ଦୁଇ ବାଲିଗାଡ଼ି ଜବତ; ନଦୀପଠାରେ ଗର୍ତ୍ତ ଖନନ

ବାରିକପୁର,୨୧।୫(ସମିସ): ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଓ କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ଉ କରିଛନ୍ତି। ଚଢ଼ଉ ସୁରାକ ପାଇ ଅନେକ ବେଆଇନ ବାଲି ଟ୍ରାକ୍ଟର ଖସି ଯାଇଥିବାବେଳେ ଛତାବର ନିକଟରୁ କେବଳ ଦୁଇଟି ବାଲି ବୋଝେଇ ଟ୍ରକ୍‌କୁ ଜବତ କରିବାରେ ପୁଲିସ ସଫଳ ହୋଇଛି। ଏହାସହିତ ବୈତରଣୀ ନଦୀପଠା ଝୁଟୁଣା, ଦାଦେଶ୍ୱର, ବାବଲପୁର ପ୍ରମୁଖ ସ୍ଥାନରେ ବାଲି ପରିବହନ ପଥରେ ଗର୍ତ୍ତ ଖନନ କରାଯାଇଛି। ଏଠାରେ ସୂଚିତ ବେଆଇନ ବାଲି ଚୋରିକୁ ରୋକିବା ପାଇଁ ପ୍ରଶାସନ କଳବଳ କୌଶଳ ଲଗାଇଥିଲେ ସୁଦ୍ଧା ବେଆଇନ ପରିବହନ କିନ୍ତୁ ବନ୍ଦ ହୋଇପାରୁନାହିଁ। ପ୍ରଶାସନ କୌଣସି ସୈରାତକୁ ନିଲାମ ଦେଉ ନ ଥିବା କାରଣରୁ ଚୋରା ବାଲି ଚାଲାଣ ବୃଦ୍ଧି ପାଉଥିବା କୁହାଯାଉଛି।

# ମହତାବ ସ୍ମୃତି ସଂଗ୍ରହାଳୟ ଭିତ୍ତିଭୂମି ପରିଦର୍ଶନ କଲେ ମନ୍ତ୍ରୀ, ସାଂସଦ

ବନ୍ତ/ଆଗରପଡ଼ା,୨୧।୫(ସମିସ): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜନ୍ମସ୍ଥାନ ଆଗରପଡ଼ାକୁ ବରପୁତ୍ର ଐତିହ୍ୟ ଗ୍ରାମ ମାନ୍ୟତା ମିଳିବା ପରେ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ୧୫ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ମହତାବ ସ୍ମୃତି ସଂଗ୍ରହାଳୟ ଭିତ୍ତିଭୂମି ପରିଦର୍ଶନ କରିଥିଲେ। ଆଗରପଡ଼ା ପେଟ୍ରୋଲ ପମ୍ପଠାରୁ ବିଜେପି କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ସ୍ଥାନୀୟ ଡ. ମହତାବ କୋଠିକୁ ଅତିଥିଙ୍କୁ



ପାଛୋଟି ଆଣିଥିଲେ। ମହତାବଙ୍କ ବାସସ୍ଥାନ ବୁଲି ଦେଖିବା ପରେ ସ୍ଥାନୀୟ ଡାଏଟ୍ ନିକଟରେ ସ୍ମୃତି ସଂଗ୍ରହାଳୟ ସ୍ଥାପନ ନିମନ୍ତେ ଚିହ୍ନଟ ହୋଇଥିବା ଜମି ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ବିଧାନସଭା ନେତା ସୁଧାଂଶୁ ଶେଖର ନାୟକ, ପ୍ରାକ୍ତନ ପୌରପାଳ ଇଂ ପ୍ରୟାସକାନ୍ତି ସାମଲ, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବନ୍ତ ବିଡିଓ ସୀତାକାନ୍ତ ରାଉତ, ତହସିଲ୍‌ଦାର ସାରା ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଶ୍ରଦ୍ଧାସୁମନ, ଆଇନଜୀବୀ ମନୋଜ ରାୟ, ସ୍ଥାନୀୟ ସରପଞ୍ଚ ଶୁଭଦ୍ରା ସିଂହ, ପ୍ରକାଶ ବିଶ୍ୱାଳ, ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କେବଳ ଶୋଭାବର୍ଦ୍ଧନ କରୁଛି କୋଟି କୋଟି ଟଙ୍କାର ନିର୍ମିତ ପାନୀୟ ଜଳ ପ୍ରକଳ୍ପ

# ପାଣି ପାଇଁ ଉହଳବିକଳ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର

ବନ୍ତ/ଆଗରପଡ଼ା,୨୧।୫(ସମିସ)





ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ରାଜ୍ୟ ସରକାର ନଭେମ୍ବର ୨୦୧୮ ରେ 'ବସୁଧା' ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନାକୁ ୭ ବର୍ଷ ପୂରି ସାରିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଉକ୍ତ ଯୋଜନାର ସଫଳ ରୂପାୟଣ ହୋଇପାରୁନାହିଁ। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ

**● ଦୁଇଟିରୁ ଗୋଟିଏ ନଳକୂଅ ସମ୍ପୂର୍ଣ୍ଣ ଅଚଳ**
**● ପାଣି ମୁନ୍ଦାଏ ପାଇଁ ଲାଗୁଛି ଲମ୍ବା ଧାଡ଼ି**

ସୃଷ୍ଟି କରୁଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ନିଳକ ପଞ୍ଚାୟତ ଅନ୍ତର୍ଗତ ଦୋଳପଦୀ ଆଦିବାସୀ ସାହିରେ ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଏଠାରେ କୋଟି କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଛି କିନ୍ତୁ ସାହିବାସୀ ବିଶୁଦ୍ଧ ପାଣି ପାଇଁ ଉହଳବିକଳ ହେଉଛନ୍ତି। ଦୋଳପଦୀ ଆଦିବାସୀ ସାହିରେ ପ୍ରାୟ ୫୦ରୁ ଅଧିକ ଆଦିବାସୀ ପରିବାର ବସବାସ କରନ୍ତି। ଜଳକଷ୍ଟ ଦୂର କରିବା ପାଇଁ ସାହିରେ ଦୁଇଟି ନଳକୂଅ ରହିଛି, ହେଲେ ସେଥିରୁ ଗୋଟିଏ ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଫଳରେ ସାହିବାସୀ ଏବେ ମାତ୍ର ଗୋଟିଏ ନଳକୂଅ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ପାଣି ମୁନ୍ଦାଏ ସଂଗ୍ରହ କରିବା ପାଇଁ ମହିଳାମାନେ ଉହଡହ ଖରାରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ବାଧ ହେଉଛନ୍ତି। ପାନୀୟ ଜଳ ପାଇଁ ଦୈନନ୍ଦିନ ଚାଲିଥିବା ଏହି ସଂଘର୍ଷ ସ୍ଥାନୀୟ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଗ୍ରାମବାସୀଙ୍କ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ଏକ ବିଶାଳ ଆକାଶଚୁମ୍ବୀ ପାଣି ଟାଙ୍କି ନିର୍ମାଣ କରାଯାଇଛି। ମାତ୍ର ନିର୍ମାଣ ଶେଷ ହେବା ପରେ ବି ବିଭାଗୀୟ ଉଦାସିନତା ଯୋଗୁଁ ଏହି ଟାଙ୍କିରୁ ଗ୍ରାମବାସୀଙ୍କୁ ଟୋପାଏ ପାଣି ବି ମିଳୁନାହିଁ। ପ୍ରକଳ୍ପଟି କେବଳ ସାହି ମଝିରେ ଏକ ସ୍ମାରକୀ ସଦୃଶ ଛିଡ଼ା ହୋଇ ରହିଛି। ସରକାରୀ ଅର୍ଥର ଏହିଭଳି ଅପବ୍ୟୟକୁ ନେଇ ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଏହି ଗୁରୁତର ଜଳ ସମସ୍ୟାକୁ ନେଇ ଗଣମାଧ୍ୟମ ପ୍ରତିନିଧି ବନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସୀତାକାନ୍ତ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଖୁବ୍‌ଶୀଘ୍ର ଏହି ବିଷୟରେ ପ୍ରଶାସନିକସ୍ତରରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଫଳାଫଳ ପ୍ରକାଶିତ

# କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



ବନ୍ତ/ଆଗରପଡ଼ା,୨୧।୫(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ପିଏମ୍‌ଶ୍ରୀ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ଥର ସରକାରୀ ଅନୁମୋଦନ କ୍ରମେ ୨୦୨୪-୨୫ ଶିକ୍ଷା ବର୍ଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗରେ ଅଗଷ୍ଟ ମାସରେ ପିଲାଙ୍କୁ ନାମ ଲେଖାଇ ଶିକ୍ଷା ପ୍ରକ୍ରିୟା ଆରମ୍ଭ କରିଥିଲା। କାଦବରାଙ୍ଗ ଅଞ୍ଚଳର ବିଦ୍ୟାଳୟ ପ୍ରେମୀ ଆଲୁମ୍ନି ସଭ୍ୟସଭ୍ୟା, ସରପଞ୍ଚ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ପରିଶ୍ରମରେ ନାମଲେଖାର ଶେଷ ପର୍ଯ୍ୟାୟରେ ସମୁଦାୟ ୭୮ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ସେଥିମଧ୍ୟରୁ ଯୁକ୍ତ ଦୁଇ କଳା ପରୀକ୍ଷା ଦେବା ପାଇଁ ୬୩ଜଣ ଆବେଦନ କରିଥିବାବେଳେ ୬୧ ଜଣ ପରୀକ୍ଷା ଦେଇଥିଲେ। ସଦ୍ୟ ପ୍ରକାଶିତ ଫଳାଫଳ ଅନୁଯାୟୀ, ୨୨ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ କିରଣମୟୀ ପରିଡ଼ା ସର୍ବୋଚ୍ଚ ୫୧୨ ନମ୍ବର ରଖି ଶୀର୍ଷ ସ୍ଥାନ ଗ୍ରହଣ କରିଛନ୍ତି। ସେହିପରି ୨ୟ ଶ୍ରେଣୀରେ ମୋଟ୍ ୧୭ ଓ ୩ୟ ଶ୍ରେଣୀରେ ୧୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ଆଲୁମ୍ନି କମିଟି ସଭାପତି ଏବଂ ପୂର୍ବତନ ସରପଞ୍ଚ ସମସ୍ତେ ବିଦ୍ୟାଳୟରେ ଉପସ୍ଥିତ ରହି ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀ କିରଣମୟୀ ପରିଡ଼ାଙ୍କୁ ତାଙ୍କ ସଫଳତା ପାଇଁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହିତ ଅନ୍ୟ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏଥିସହିତ ବିଦ୍ୟାଳୟର ୨୦୨୪ ବର୍ଷର ମାଟ୍ରିକ୍ ପରୀକ୍ଷାରେ ଏ୧ ପାଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ପୂର୍ଣ୍ଣିମା ବେହେରା ଯିଏକି ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୬୦୦ରୁ ୫୮୦ ନମ୍ବର କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ମଧ୍ୟ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫେରାର୍ ମଦ ବେପାରୀକୁ ଘରୁ ଟେକିନେଲା ବନ୍ତ ପୁଲିସ



ବନ୍ତ/ଆଗରପଡ଼ା,୨୧।୫(ସମିସ): ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତର୍ଗତ ଡିଗୀ ପଡ଼ିଆ ନିକଟରେ ଆର୍-ୱାନ୍ ଫାଇଭ୍ ବାଇକ୍‌ରେ ୫୫ ଲିଟର ମହୁଲି ମଦ ଚାଲାଣ ହେବା ଘଟଣାରେ ପୁଲିସକୁ ଆଉ ଏକ ସଫଳତା ମିଳିଛି। ମଦ ଧରାପଡ଼ିବା ଦିନ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବନ୍ତ ଥାନା ପଧାନପଡ଼ା ଅଞ୍ଚଳର ଲିପନ ଯେନା ଏବଂ ସୁରେନ୍ଦ୍ର ଯେନା ଏକ ଦ୍ରୁତଗାମୀ ବାଇକ୍ ଯୋଗେ ଆନନ୍ଦପୁର ପଟୁ ନିଜ ଘର ଅଭିମୁଖେ ଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ଡିଗୀ ପଡ଼ିଆ ନିକଟରେ ଛକି ରହି ବାଇକ୍‌କୁ ଅଟକାଇଥିଲେ। ଯାଞ୍ଚ ବେଳେ ବାଇକ୍‌ରୁ ୫୫ ଲିଟର ଦେଶୀ ମହୁଲି ମଦ ମିଳିଥିଲା। ପୁଲିସକୁ ଦେଖି ସୁରେନ୍ଦ୍ର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ, ପୁଲିସ ଅନ୍ୟତମ ଅଭିଯୁକ୍ତ ଲିପନ ଯେନାକୁ କାବୁ କରିଥିଲା। ମଦ ଧରିବା ଦିନ ହିଁ ପୁଲିସ ଜବତ ମଦ ଏବଂ ଚାଲାଣରେ ବ୍ୟବହୃତ ଦାମୀ ମୋଟର ସାଇକଲକୁ ଜବତ କରି ଲିପନକୁ କୋର୍ଟ ଚାଲାଣ କରିଥିଲା। ଏ ନେଇ ବନ୍ତ ଥାନାରେ କେସ୍ ନଂ ୧୬୨/୨୬ ଅନୁଯାୟୀ, ମାମଲା ରୁଜୁ ହୋଇଥିଲା। ଫେରାର୍ ଥିବା ଦ୍ୱିତୀୟ ଅଭିଯୁକ୍ତ ସୁରେନ୍ଦ୍ରକୁ ଧରିବା ପାଇଁ ଥାନାଧିକାରୀଙ୍କ ନିର୍ଦ୍ଦେଶରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ବନ୍ତ ଥାନା ଏଏସ୍‌ଆଇ ମନମୋହନ ବାରିକ୍, ସଂଗ୍ରାମ କେଶରୀ ଖିଲାର, ବସନ୍ତ ଯେନା, ତ୍ରିଲୋଚନ ଟୁଡୁ, ମାଳତୀଲତା ସୋରେନ୍ ଏବଂ ରଞ୍ଜନ ନାୟକ ପ୍ରମୁଖ ସୁରେନ୍ଦ୍ରଙ୍କ ପଧାନପଡ଼ା ପୋଖରୀ ଆଡ଼ିସ୍ଥିତ ଘରେ ଚଢ଼ଉ କରି ତାକୁ ଗିରଫ କରିବାରେ ସଫଳ ହୋଇଥିଲେ। ପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି। ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସ୍ଥାନୀୟ ଅଞ୍ଚଳର ମଦ ମାଫିଆଙ୍କ ମଧ୍ୟରେ ଛନକା ପଶିଥିବା ଜଣାପଡ଼ିଛି।

## ଭଣ୍ଡାରିପୋଖରୀ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି

# ଅଧା ଅଞ୍ଚଳ ଭିଜିଲା; ଅଧା ସିଝିଲା



ବାରିକପୁର,୨୧।୫(ସମିସ): ଗତ ସପ୍ତାହେ ଧରି ସାରା ଓଡ଼ିଶା ସିଝୁଛି। ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସକାଳ ୮ଟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଲୋକମାନେ ଏକପ୍ରକାର ଖରା ଝାଞ୍ଜିରେ ଶିଝିଯାଉଛନ୍ତି। ବାହାରକୁ ଗଲେ ଝାଞ୍ଜି ପବନ, ଘରେ ରହିଲେ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ତାତି ଅନୁଭୂତ ହେଉଛି। ନଦୀ, ନାଳ, ବଡ଼ବଡ଼ ପୁଷ୍କରିଣୀ ଏକ ପ୍ରକାର ଶୁଷ୍କ ହୋଇ ଯାଇଥିବାବେଳେ ବୁଲା ଗାଈଗୋରୁ ପାଣି ଟୋପାଏ ପାଉନାହାନ୍ତି। ଗାଁ ବାଡ଼ିତଳ ଓ ରାସ୍ତା ପାର୍ଶ୍ୱରେ ଥିବା ଗଛ ଛାଇ ଗାଈଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ସେହିଭଳି ହଜାର ହଜାର ଜନସାଧାରଣ ମଧ୍ୟ ଗ୍ରୀଷ୍ମ ପ୍ରବାହରେ ଆଉଟୁପାଉଟୁ ହୋଇଯାଉଛନ୍ତି। ଦୈନନ୍ଦିନ କାର୍ଯ୍ୟରେ ବାହାରକୁ ଯିବାକୁ କୁଣ୍ଠାବୋଧ କରୁଛନ୍ତି। ଏଭଳି ଅବସ୍ଥା ଆଗକୁ ଆହୁରି କିଛିଦିନ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ବ୍ଲକ୍ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ଏପରି ସ୍ଥଳେ ଗୁରୁବାର ବ୍ଲକ୍‌ର କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ସହିତ ପବନ ହୋଇଛି। ସୂଚନା ମୁତାବକ, ଅପରାହ୍ଣ ୫ଟାରେ ରହଣିଆ, ମାଳଦା, ଷୋଳମପୁର, କୁରିଗାଁ, ଦକ୍ଷିଣବାଡ଼, ରଣଜିତ, ନେରଡା, ବାଲିପୋଖରୀ, ନପଙ୍ଗ ପ୍ରମୁଖ ଅଞ୍ଚଳରେ ପବନ ଓ ବର୍ଷା ହୋଇଛି। କିଛି ଜାଗାରେ ଗଛ ମଧ୍ୟ ଭାଙ୍ଗିଯାଇଛି। ଉକ୍ତ ଅଞ୍ଚଳର ଜନସାଧାରଣମାନେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିଥିବାବେଳେ ସନ୍ଧ୍ୟା ପରଠାରୁ ପୁଣି ଗୁଳୁଗୁଳି ଆରମ୍ଭ ହୋଇଛି। ଅନୁରୂପ ଭାବେ ମଞ୍ଜୁରୀରୋଡ୍‌ଠାରୁ ବିଷ୍ଣୁପୁର ଯାଏଁ ବର୍ଷା ହୋଇ ନ ଥିବାବେଳେ ପୂର୍ବବତ୍ ଗରମ ପବନ ଜାରି ରହିଛି। ଗୁରୁବାର ଭଣ୍ଡାରିପୋଖରୀରେ ୪୧ ଡିଗ୍ରୀ ତାପମାତ୍ରା ଛୁଇଁଥିବା ସୂଚନା ମିଳିଛି।

## ● ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ

# ଉହଡହ ଖରାରେ ଶ୍ରମିକଙ୍କୁ କାମରେ ଲଗାଉଛନ୍ତି ଠିକାଦାର

ଭଦ୍ରକ,୨୧।୫(ସମିସ): ସରକାରଙ୍କ ନିୟମକୁ ମାନୁନାହାନ୍ତି ଠିକାଦାର। ଖୋଲାଖୋଲି କରୁଛନ୍ତି ଉଲ୍ଲଂଘନ। ଉହଡହ ଖରାରେ ଜୋର୍‌ଜବରଦସ୍ତ କରାଉଛନ୍ତି କାମ। ଏମିତି ଘଟଣା ଦେଖିବାକୁ ମିଳିଛି ତିହିଡ଼ି ବ୍ଲକ୍ ଅନ୍ତର୍ଗତ ପୀରହାଟ ନିକଟରେ।



ସୂଚନା ମୁତାବକ, ପୀରହାଟ ବଜାରରୁ କାନପୁର ଘୋଷରା ପର୍ଯ୍ୟନ୍ତ ନିର୍ମାଣ ହେଉଛି ଏକ ଡ୍ରେନ୍। ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ନିର୍ମାଣ ବିଭାଗ ପକ୍ଷରୁ ୨ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଡ୍ରେନ୍‌ର ନିର୍ମାଣ କାର୍ଯ୍ୟ ଚାଲିଛି। ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଛି। ତାପମାତ୍ରାକୁ ଲକ୍ଷ୍ୟ କରି ଶ୍ରମିକମାନଙ୍କୁ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବାହାରେ କାମ କରିବାକୁ ବାରଣ କରିଛି ଜିଲ୍ଲା ପ୍ରଶାସନ। ମାତ୍ର ଜିଲ୍ଲା ପ୍ରଶାସନର ଆଦେଶକୁ ଖୋଲାଖୋଲି ଉଲ୍ଲଂଘନ କରି ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର କାନପୁର ଘୋଷରା ନିକଟରେ ଅପରାହ୍ଣ ୧ଟା ପର୍ଯ୍ୟନ୍ତ କାମ କରାଉଛନ୍ତି ସମ୍ପୃକ୍ତ ଠିକାଦାର। ସବୁଠାରୁ ବଡ଼ କଥା ହେଉଛି ଶ୍ରମିକମାନେ କାମ କଲାବେଳେ ସେମାନଙ୍କ ପାଇଁ ପିଇବା ପାଣି, ଓଆର୍‌ଏସ୍‌ର କୌଣସି ବ୍ୟବସ୍ଥା କରାଯାଇନାହିଁ। ଉହଡହ ଖରାରେ ଆଦିବାସୀ ଶ୍ରମିକମାନଙ୍କୁ ଜୋର୍‌ଜବରଦସ୍ତ କାମ ଆଦାୟ କରାଯାଉଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଆଖି ବନ୍ଦ କରିଦେଇଛନ୍ତି ଠିକାଦାର। ସବୁଠାରୁ ବଡ଼ କଥା ହେଉଛି, ପାଖାପାଖି ୩ କୋଟି ଟଙ୍କାର କାମ ଚାଲୁଥିବାବେଳେ ସମ୍ପୃକ୍ତ ଯନ୍ତ୍ରୀ ଓ ବିଭାଗର କୌଣସି ଅଧିକାରୀ ତାପମାତ୍ରା ପାଇଁ କାର୍ଯ୍ୟ ତଦାରଖ ପାଇଁ ଆସୁ ନ ଥିବାରୁ ଫାଇଦା ନେଉଛନ୍ତି ଠିକାଦାର। ନିମ୍ନମାନର କାର୍ଯ୍ୟ ସହ ଶ୍ରମିକମାନଙ୍କୁ ଶୋଷଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ଜନସାଧାରଣ।

# ଗଳ୍ପ ସଂକଳନ "ଅନ୍ତଃହୀନ ଜ୍ୟୋସ୍ନା' ଲୋକାର୍ପିତ



ଭଦ୍ରକ,୨୧।୫(ସମିସ): ଗୁରୁବାର ଭଦ୍ରକ ସଂସ୍କୃତି ଭବନରେ ଗାଳ୍ପିକ ଅଧିବକ୍ତା ତଥା ଯୁବ ନାଟ୍ୟକାର ରୁଦ୍ରକାନ୍ତ ରାଉତରାୟଙ୍କ ଗଳ୍ପ ସଂକଳନ "ଅନ୍ତଃହୀନ ଜ୍ୟୋସ୍ନା' ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ କବୟିତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ସାହିତ୍ୟିକ ସମାଜସେବୀ ଅଜୟ ନାୟକ, ବରେଣ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଯୋଗଦେଇଥିଲେ। ଏହି ଗଳ୍ପ ସଂକଳନରେ ୨୬ଟି ଗଳ୍ପ ରହିଥିବାବେଳେ ସେହି ଗଳ୍ପଗୁଡ଼ିକ ପୂର୍ବରୁ ଆହ୍ୱାନ ନାମକ ଇ-ପତ୍ରିକାରେ ସ୍ଥାନିତ ମଧ୍ୟ ହୋଇସାରିଛି। ମାତ୍ର ୩୮ ବର୍ଷ ବୟସରେ ଓକିଲାତିକୁ ପେସା ଭାବେ ଗ୍ରହଣ କରିବା ସହିତ ସାହିତ୍ୟକୁ ନିଶା କରିଥିବା ରୁଦ୍ର ମଧ୍ୟ ଜଣେ ଯୁବ ନାଟ୍ୟକାର ଭାବେ ମଧ୍ୟ ପରିଚିତ। ଏହି ଉତ୍ସବରେ ପୁସ୍ତକଟିକୁ ସମୀକ୍ଷା କରିଥିଲେ ଅଧ୍ୟାପକ ଡ. ଅଭୟ କୁମାର ଦାସ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଓକିଲ ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅଧିବକ୍ତା ଗଦାଧର ବଳ, ବିଷ୍ଣୁବ୍ରତ ବିଶ୍ୱାଳ, କୃପାସିନ୍ଧୁ ନାୟକ, ମହେଶ୍ୱର ନାୟକ, ଗୟାଧର ସାମଲ ପ୍ରମୁଖ ନିଜ ନିଜର ମତ ରଖିଥିଲେ। ଏହି ଲୋକାର୍ପଣ ଉତ୍ସବକୁ ଅଧିବକ୍ତା ସନାତନ ଦୀକ୍ଷିତ, ବେଣୁଧର ଦାସ, ମୋହରିର ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ଅମୂଲ୍ୟ ଚନ୍ଦ୍ର ରାଉତ, ଆଦିତ୍ୟ ନାୟକ, ଦେବାଶିଷ ନାୟକ, ସନାତନ ଦୀକ୍ଷିତ୍, ସଞ୍ଜୟ ମାଝୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ବିଜୟ ରାଉତରାୟ, ସୌମ୍ୟକାନ୍ତ ରାଉତରାୟ, ବିନୟ କୁମାର ରାଉତରାୟ ପ୍ରମୁଖ ଅନେକ ସାହିତ୍ୟିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ସଡ଼କ: ଫାଟି ଆଁ କଲାଣି

ଅସୁରାଳି,୨୧।୫(ସମିସ)



ସରକାର ଗ୍ରାମାଞ୍ଚଳର ଗମନାଗମନର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ, ଧାମନଗର ବ୍ଲକ୍ ବମକୁରା ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ଧୂଷୁରୀରୁ ବମକୁରା ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଧୂଷୁରୀଠାରୁ ବମକୁରା ପର୍ଯ୍ୟନ୍ତ ଏହି ୧ କିଲୋମିଟର ୫୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତାର କାର୍ଯ୍ୟ ୨୦୨୧ରେ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ଏକ ବର୍ଷର ସମୟ ସୀମା ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ବିଭାଗୀୟ ଉଦାସିନତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏହା ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ଶେଷ ହୋଇଥିଲା। ତେବେ ବହୁ ପ୍ରତୀକ୍ଷା ପରେ କାମ ସରିଥିଲେ ମଧ୍ୟ ରାସ୍ତାର ବର୍ତ୍ତମାନର ଅବସ୍ଥା ନ କହିବା ଭଲ। ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବାକୁ ବସିଲାଣି। ଯାହାଫଳରେ ସ୍ଥାନୀୟ ବାସିନ୍ଦା ଓ ପଥଚାରୀମାନେ ଯାତାୟାତରେ ଚରମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ସରକାରୀ ପାଣ୍ଠିରୁ ୧୮.୭୨ ଲକ୍ଷ ଟଙ୍କାର ଅଟକଳ ମୂଲ୍ୟ ଖର୍ଚ୍ଚ କରାଯାଇଥିଲା। ମାତ୍ର ସାମାନ୍ୟ କିଛି ଦିନ ମଧ୍ୟରେ ରାସ୍ତାର ଏଭଳି ବିପର୍ଯ୍ୟସ୍ତ ରୂପ ଦେଖି ସ୍ଥାନୀୟ ଲୋକେ କହିଛନ୍ତି ଯେ, ଜନସାଧାରଣଙ୍କ ଟ୍ୟାକ୍ସ ପଇସା ଏଠାରେ ସମ୍ପୂର୍ଣ୍ଣ ଭାବେ ପାଣିରେ ପଡ଼ିଛି। କେବଳ ପିସି କାରବାର ଓ ଅଫିସର-ଠିକାଦାର ସଲାସୁତରା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ଏହି ସମ୍ପର୍କରେ ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀ ରୂପ ମୁଣ୍ଡାଙ୍କୁ ପଚାରିବାରୁ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, "ଏହି ରାସ୍ତାର ମରାମତି ଓ ପୁନରୁଦ୍ଧାର ପାଇଁ ଟଙ୍କା ମଞ୍ଜୁର ହୋଇସାରିଛି ଏବଂ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରାଯିବ। ତେବେ ଯନ୍ତ୍ରୀଙ୍କ ଆଶ୍ୱାସନା ପରେ ମଧ୍ୟ ପ୍ରଶ୍ନ ଉଠୁଛି ଯେ, ପୂର୍ବରୁ ଖର୍ଚ୍ଚ ହୋଇଥିବା ୧୮.୭୨ ଲକ୍ଷ ଟଙ୍କାର ହିସାବ କିଏ ଦେବ ଏବଂ ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି ନାହିଁ? ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ସ୍ଥାୟୀ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

# ଯୁକ୍ତ ୨ ପରୀକ୍ଷାରେ 'ବିଦ୍ୟାର୍ଥୀ ଏକାଡେମୀ'ର ସଫଳତା

ଭଦ୍ରକ,୨୧।୫(ସମିସ): ଭଦ୍ରକ କଲେଜ୍ ରୋଡ୍‌ସ୍ଥିତ ଗ୍ରାମୀଣ ବ୍ୟାଙ୍କ ନିକଟରେ ଅବସ୍ଥିତ 'ବିଦ୍ୟାର୍ଥୀ ଏକାଡେମୀ' ଏବର୍ଷର ଯୁକ୍ତ ୨ ପରୀକ୍ଷା ଫଳାଫଳରେ ଅପୂର୍ବ ସଫଳତା ହାସଲ କରି ଭଦ୍ରକ ଜିଲ୍ଲାରେ ଗର୍ବର ବିଷୟ ହୋଇଛି। କଳା ବିଭାଗରେ କାବେରୀ ଜେନା ୯୨% ନମ୍ବର ରଖି ଭଦ୍ରକ କଲେଜର ତୃତୀୟ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାବେଳେ, ମଧୁସ୍ମିତା ବିଶ୍ୱାଳ ୮୯% ନମ୍ବର ରଖି ଭଦ୍ରକ ମହିଳା ମହାବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ବିଭୁ ପ୍ରସାଦ ରାଉଳ ଘଣ୍ଟେଶ୍ୱର କଲେଜର ଦ୍ୱିତୀୟ ସର୍ବୋଚ୍ଚ ସ୍ଥାନ ହାସଲ କରି ଏକାଡେମୀର ଗୌରବକୁ ଆହୁରି ବଢ଼ାଇଛନ୍ତି। ଏହା ସହିତ ଚଳିତ ବର୍ଷ ବିଦ୍ୟାର୍ଥୀ ଏକାଡେମୀର ୨୫ରୁ ଅଧିକ ଛାତ୍ରଛାତ୍ରୀ ୫୦୦ରୁ ଅଧିକ ନମ୍ବର ରଖି ଉତ୍କୃଷ୍ଟ ଫଳାଫଳ ହାସଲ କରିଥିବାରୁ ସମଗ୍ର ଏକାଡେମୀ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତାରେ ବିଦ୍ୟାର୍ଥୀ ଏକାଡେମୀର ନିର୍ଦ୍ଦେଶକ ସୁନିଲ କୁମାର ପାଢ଼ୀ, ଅଚ୍ୟୁତ କୁମାର ସାହୁ ଓ ରାମଚନ୍ଦ୍ର ପଣ୍ଡା ଗଭୀର ଆନନ୍ଦ ଓ ଗର୍ବ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଏହି ଅସାଧାରଣ ସଫଳତା ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଅଭିଭାବକଙ୍କ ଆଶୀର୍ବାଦ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଷ୍ଠାପୂର୍ଣ୍ଣ ପରିଚାଳନାର ଫଳ। ଏକାଡେମୀର ପରିଚାଳନା କମିଟି, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏହି ଚମତ୍କାର ଫଳାଫଳ ପାଇଁ ଅତ୍ୟନ୍ତ ଆନନ୍ଦ ପ୍ରକାଶ



କରି ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କ ନିଷ୍ଠା, ପରିଶ୍ରମ ଓ ଅଦମ୍ୟ ଅଧ୍ୟବସାୟ ଆଗାମୀ ଦିନରେ ଆହୁରି ବଡ଼ ସଫଳତା ଆଣିଦେବ ବୋଲି ଆଶା ପ୍ରକାଶ କରାଯାଇଛି। ଶେଷରେ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଜୀବନରେ ଅଧିକ ସଫଳତା ପାଇଁ ନିର୍ଦ୍ଦେଶକମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

